



### ଥରେ ଆବାସ ନେଇ ପୁଣି ନେବାକୁ ଯୋଜନା କରୁଥିଲେ

# ଧରାପଡ଼ିଲେ ୪୦ ନକଲି 'ସୁଲଭ' ହିତାଧିକାରୀ

ଭୁବନେଶ୍ୱର, ୨୦।୯ (ସମିସ): ସୁଲଭ ଆବାସ ଯୋଜନାରେ ବସ୍ତିବସ୍ତିନ୍ଦାଙ୍କୁ ଥରେ ଗୋଟିଏ ଘର ଦିଆଗଲା। ଶସ୍ତା ଘର କିଛି ବସ୍ତି ବାସିନ୍ଦାଙ୍କ ମୁହଁରେ ଏମିତି ଲାଗିଗଲା ଯେ ଗୋଟିଏ ଘର ପାଇବା ପରେ ସମାନ ପରିବାର ସମାନ ଯୋଜନାରେ ଆଉ ଗୋଟିଏ ଘର କିଭଳି ହାତେଇବେ ସେଥିପାଇଁ ଷଡଯନ୍ତ୍ର କଲେ। ନୂଆ ଘରକୁ ଭଡାରେ ଲଗାଇ ପୂର୍ବରୁ ରହୁଥିବା ଘରେ ଆସି ପୁଣି ରହିଗଲେ। ନ ହେଲେ ସାଙ୍ଗସାଥୀ ସମ୍ପର୍କୀୟଙ୍କୁ ପୂର୍ବରୁ ବସ୍ତି ଥିବା ଘରେ ରଖିଦେଲେ। ଫଳରେ ଆଉ ଥରେ ସର୍ଭେ ହେଲେ ଆଉ ଗୋଟିଏ ପାଇଯିବେ। ଏଭଳି ଘର ହାତେଇବାକୁ ଚେଷ୍ଟା କରୁଥିବା ୪୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦାଙ୍କୁ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଉପବିଭାଗ ଠାବ କରି ନକଲି ହିତାଧିକାରୀ ତାଲିକାରେ ପକାଇଛି।



■ ନୂଆ ଘର ଦେଲା; ପୁରୁଣା ଭାଙ୍ଗିବାକୁ ଭୁଲିଗଲା ବିଏମ୍‌ସି

ନକଲି ହିତାଧିକାରୀଙ୍କୁ ଠାବ କରିବାକୁ ବିଏମ୍‌ସି ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଥିଲା। ସାଲିଆସାହି ଏବଂ ଭଗବତୀ ବସ୍ତିରେ କାଗଜପତ୍ର ଯାଞ୍ଚ କରାଯାଇଥିଲା ବେଳେ ୪୦ଜଣ ନକଲି ହିତାଧିକାରୀ ଜାଲିଆତି କରି ପୁଣି ଆଉ ଏକ ଘର ହାତେଇବାକୁ ଯୋଜନା କରୁଥିଲା ବେଳେ ଧରାପଡ଼ିଛନ୍ତି। ବସ୍ତିରେ ସେମାନଙ୍କ ଘର ଚିହ୍ନଟ ପରେ ଏଗୁଡ଼ିକୁ ଭାଙ୍ଗିବା ପାଇଁ ବିଏମ୍‌ସି ଯୋଜନା କରିଛି।

ବିଏମ୍‌ସି ସୂଚନା ମୁତାବକ ସାଲିଆସାହି ଏବଂ ଭଗବତୀ ବସ୍ତିର ୨ଶହ ପରିବାରକୁ ସୁଲଭ ଆବାସ ଯୋଜନାରେ ବୁଦ୍ଧବିହାରରେ ଘର ପ୍ରଦାନ କରାଗଲା। ୮୮ଜଣ ବସ୍ତି ବାସିନ୍ଦା ବୁଦ୍ଧବିହାରେ ଘର ପାଇ ସେଠାକୁ ସ୍ଥାନାନ୍ତର ହୋଇଥିଲେ। ଘର ଦେବା ପରେ ବିଏମ୍‌ସି ବସ୍ତିରେ ଥିବା ପୁରୁଣା ଘରକୁ ଭାଙ୍ଗି ଦେବା କଥା। କିନ୍ତୁ ବିଏମ୍‌ସି ଭାଙ୍ଗିଲା ନାହିଁ। ଏଣୁ ବୁଦ୍ଧବିହାରରେ ସୁଲଭ ଘର ପାଇଥିବା ବସ୍ତି ବାସିନ୍ଦା ଆବାସ ଗୃହକୁ ଭଡାରେ ଲଗାଇ ପୁରୁଣା ଘରେ ରହିଗଲେ। ଧରା ନ ପଡ଼ିବା ପାଇଁ ସମ୍ପର୍କୀୟ, ସାଙ୍ଗସାଥୀଙ୍କୁ ରଖିଦେଲେ। ଫଳରେ ପୂର୍ବରୁ ବସ୍ତିରେ ଯେତିକି ଲୋକ ଥିଲେ ଏବେବି ସେତିକି ଲୋକ। ଆବାସ ଘର ପ୍ରଦାନ କରି ବସ୍ତି ହଟାଇବା ଯୋଜନା ଫେଲ୍ ମାରୁଥିବା ଭଳି ଲାଗୁଥିଲା।

ଏଭଳି ଲୋକଙ୍କୁ ଧରିବାକୁ ବିଏମ୍‌ସିର ଅତିରିକ୍ତ କମିସନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଗଲା। ଏହି ଟିମ୍ ବୁଦ୍ଧବିହାରରେ ଘର ପାଇଥିବା ଲୋକଙ୍କୁ ପୁରୁଣା ଘର ଚିହ୍ନଟ କରାଇବାକୁ କହିଥିଲା। ନ ହେଲେ ବୁଦ୍ଧବିହାର ଘର ଛାଡିବାକୁ ଚେତାବନୀ ଦେଇଥିଲା। ସେମାନେ ଯେତେବେଳେ ସାଲିଆସାହିରେ ନିଜ ଘର ଚିହ୍ନଟ କଲେ ଜଣାପଡ଼ିଥିଲା ସେଠାରେ ତାଙ୍କ ସମ୍ପର୍କୀୟ ରହିଛନ୍ତି। ଏଭଳି ମାଧ୍ୟମରେ ନିଜକୁ ବସ୍ତି ବାସିନ୍ଦା କହି ସୁଲଭ ଆବାସ ଯୋଜନାରେ ଆଉ ଗୋଟିଏ ଘର ହାତେଇବାକୁ ଯୋଜନା ସେମାନଙ୍କର ଫେଲ ମାରିଲା। ପରବର୍ତ୍ତି ସମୟରେ ଏହି ଘର ଗୁଡ଼ିକୁ ଭାଙ୍ଗି ଦୋବକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ରାଜଧାନୀ ଭୁବନେଶ୍ୱରକୁ ବସ୍ତି ମୁକ୍ତ କରିବାକୁ ସୁଲଭ ଆବାସ ଯୋଜନରେ ଆରମ୍ଭ କରାଗଲା। ଏହି ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ପାଇଁ ଆପାର୍ଟମେଣ୍ଟ ଢଙ୍ଗରେ ଘର ନିର୍ମାଣ କରାଯାଇ ଘର ଦିଆଗଲା। ଯାହାକୁ ସୁଲଭ ଆବାସ ନାମ ଦିଆଯାଇଲା।

## 'ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଉତ୍ସବ'

ଭୁବନେଶ୍ୱର, ୨୦।୯ (ସମିସ): ତ୍ରିନେତ୍ର କଳାକୁଞ୍ଜ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ୫ମ 'ଅନ୍ତର୍ଜାତିୟ ତ୍ରିନେତ୍ର ସମ୍ମାନ ଉତ୍ସବ' ଶନିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ହରିହର ମହାନ୍ତି ଏବଂ ସଙ୍ଗୀତ ଆଚାର୍ଯ୍ୟ ସୀମାଞ୍ଚଳ ଦାସଙ୍କ ଚଳିତ ବର୍ଷ ଓଡ଼ିଶାର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ ପରିବେଶର ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଆନ୍ତର୍ଜାତୀୟ ତ୍ରିନେତ୍ର ଜୀବନବ୍ୟାପୀ ଉପଲବ୍ଧୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ତ୍ରିନେତ୍ର ସମ୍ମାନ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମିଶ୍ର, ଓଡ଼ିଶୀ ନୃତ୍ୟାଙ୍ଗନା ଅତଶୀ ମିଶ୍ର, ସଙ୍ଗୀତକାର ବିଦୁଶୀ ସଙ୍ଗୀତା ପଣ୍ଡା ଏବଂ ପ୍ରଖ୍ୟାତ ସମାଜସେବୀ ଶଙ୍କର୍ଷଣ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। 'ଆନ୍ତର୍ଜାତୀୟ ତ୍ରିନେତ୍ର ଯୁବ ପ୍ରତିଭା ସମ୍ମାନ' ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ପାଇଁ ଗୁରୁ କିଶୋର ଦଳେଇ, ଜଙ୍ଘାଦତ୍ତ ପ୍ରଦାନ, ବିଜୟଲକ୍ଷ୍ମୀ ଓଝା ଓ ପ୍ରତ୍ୟାଶା ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ 'ଆନ୍ତର୍ଜାତୀୟ ତ୍ରୀନେତ୍ର ଶିଶୁ ପ୍ରତିଭା ସମ୍ମାନ' କଥକ ନୃତ୍ୟ ପାଇଁ ସୌରଶ୍ରୀ ଦେବନାଥ, ଓଡ଼ିଶୀ ନୃତ୍ୟ ପାଇଁ ସାଇ ଦୁର୍ଗା ନାୟକ, ପ୍ରୀୟଙ୍କା ପ୍ରୀୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତା, ଉତ୍କଳ ଅନ୍ତର୍ଜାତୀୟ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବେହେରା, ସମାଜିକ କର୍ମୀ ସୁବ୍ରତ କୁମାର ସାମଲ, ସମାଜୀକ କର୍ମୀ ହରିହର ବେଉରା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମୁକ୍ତିଲତା ପାଲ ଏବଂ ତ୍ରିନେତ୍ର କଳା କୁଞ୍ଜର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ରମାକାନ୍ତ ସାହୁ ଉପସ୍ଥିତ ରହିଥିଲେ।



ଜନତା ମଇଦାନରେ ଚାଲିଥିବା ଇଣ୍ଟର ନ୍ୟାସ୍‌ନାଲ ଟ୍ରେଡ ଫେୟାରରେ ଆକର୍ଷଣୀୟ ମିଷ୍ଟାନ୍ନ

## ଆଦର୍ଶ ଯୁବ ଗ୍ରାମସଭା ପରିଚାଳନା ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୦।୯ (ସମିସ): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାର ପ୍ରକ୍ରିୟା ଓ ଗୁରୁତ୍ୱକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କଟକ, ସମ୍ବଲପୁର ଓ ଖୋର୍ଦ୍ଧା ଜବାହାର ନବୋଦୟ ବିଦ୍ୟାଳୟରେ ମନୋନୀତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନେଇ ଆୟୋଜିତ ପ୍ରଶିକ୍ଷଣ ରାଜ୍ୟ ପଞ୍ଚାୟତିରାଜ ବିଭାଗର ମାଷ୍ଟର ଟ୍ରେନରମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଶିକ୍ଷକମାନେ ଏହି ପ୍ରଶିକ୍ଷଣକୁ ଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନେତୃତ୍ୱ ଗୁଣାବଳୀକୁ ବିକଶିତ କରିବେ।

## ୩୩ ଦିନରେ ବେସରକାରୀ ଅଧ୍ୟାପକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଗତ ଅଗଷ୍ଟ ୧୬ରୁ ଜାରି ରଖିଥିବା କାର୍ଯ୍ୟାବନ୍ଦ ଆନ୍ଦୋଳନ ୩୩ ତମ ଦିନରେ ପହଁଚିଛି। ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଛନ୍ତି। ବେସରକାରୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କର ୨୦୦୮ ରୁ ୨୦୧୮ ରୁ ଅନୁଦାନ ନେଇ ଜାରିରହିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଗାନ୍ଧୀମାର୍ଗର ଅନଶନସ୍ଥଳରେ ଏକାଧିକ ବିରୋଧୀ ଦଳର ବିଧାୟକ ଓ ଯୁବ ନେତା ଉପସ୍ଥିତ ହୋଇଥିଲେ। ସେହିପରି ଧାରଣା ସ୍ଥଳରେ ସଙ୍ଘକୁ ସମର୍ଥନ କରି ୨୦ରୁ ଅଧିକ ବିଜେଡି ବିଧାୟକ ଏବଂ ଜଣେ କଂଗ୍ରେସ ବିଧାୟକ ଆସି ଆନ୍ଦୋଳନକୁ ସମର୍ଥନ କରିଥିଲେ। ବିଧାନସଭା ଗୃହ ମଧ୍ୟରେ ଦାବିକୁ ଉପସ୍ଥାପନ କରିବାପାଇଁ ବିଧାୟକମାନେ ସଂଘକୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି। ୨୩ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଗୃହ ବାହାରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ଦେଇଛନ୍ତି। ଏହି ଅନଶନ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘର ସଭାପତି ବିଶ୍ୱରଞ୍ଜନ ଦାସ କହିଛନ୍ତି।

# ପ୍ରକୃତି ସହ ଲଢୁଛି ୬୨ ପ୍ରକାର ଔଷଧୀୟ ବୃକ୍ଷ

ଭୁବନେଶ୍ୱର, ୨୦।୯ (ରଞ୍ଜନା ନାୟକ): କେଉଁ ଅନାଦି କାଳରୁ ମଣିଷ ବୃକ୍ଷ ଏବଂ ବୃକ୍ଷଜାତ ସାମଗ୍ରୀକୁ ଔଷଧ ଭାବେ ବ୍ୟବହାର କରି ଆସୁଛି। ଆଜିର ଦିନରେ ମଧ୍ୟ ଆୟୁର୍ବେଦିକ ଔଷଧରେ ବୃକ୍ଷକୁ ବ୍ୟବହାର କରାଯାଉଛି। କିନ୍ତୁ ଏସବୁ ଭିତରେ ଦିନେ ଅନ୍ୟର ଜୀବନ ରକ୍ଷାକାରୀ ଔଷଧିୟ ବୃକ୍ଷ ଆଜି ନିଜେ ବଞ୍ଚିବା ପାଇଁ ପ୍ରକୃତି ସହ ଅହରହ ପ୍ରତିଦ୍ୱନ୍ଦ୍ୱିତା କରି ଆସୁଛି।



ଆୟୁର୍ବେଦ ଔଷଧ ପାଇଁ ଗୋଟିଏ ଔଷଧିୟ ବୃକ୍ଷର ଚେର, ମୂଳ, କାଣ୍ଡ, ଲତା, ଛେଲି ବା ବକଳ, ପତ୍ର, କ୍ଷୀର, ଅଠା ଆଦି ଔଷଧ ଭାବରେ ବ୍ୟବହାର ହୋଇଥାଏ। ଆଗ କାଳର ଲୋକମାନଙ୍କୁ କିଛି ବି ରୋଗ ହେଲେ ବିଭିନ୍ନ ପ୍ରକାରର ଔଷଧିୟ ଗଛକୁ ଔଷଧ ଭାବରେ ବ୍ୟବହାର କରି ଉପସମ ପାଉଥିଲେ। କିନ୍ତୁ ସମୟ ବଦଳିବା ସହିତ ଲୋକମାନେ ମଧ୍ୟ ଔଷଧିୟ ବୃକ୍ଷର ବ୍ୟବହାର କରିବା କମ କରିଲେ। ହେଲେ କୋଭିଡ଼ ମହାମାରୀ ସମୟରେ ଅନେକ ଲୋକ ତୁଳସୀ, ଲିମ୍ବ, ଭୃଷଙ୍ଗ, ଘି କୁଆଁରୀ, ପସାରୁଣି ପରି ଔଷଧ ବୃକ୍ଷକୁ ବହୁତ ମାତ୍ରାରେ ବ୍ୟବହାର କରୁଥିଲେ। ଯେଉଁଥିପାଇଁ ଔଷଧିୟ ବୃକ୍ଷ ଉପରେ ଲୋକମାନଙ୍କର କିଛି ମାତ୍ରାରେ ଆସ୍ଥା ବଢ଼ିଛି। ହେଲେ ଏବେ ଏହି ଔଷଧିୟ ବୃକ୍ଷ ଆସ୍ତେ ଆସ୍ତେ ଲୋପ ପାଇବାକୁ ଲଗିଲାଣି।

ଏକାମ୍ରକ୍ଷେତ୍ର ବା ରାଜଧାନୀରେ ଆଗରୁ ଅନେକ ଔଷଧିୟ ବୃକ୍ଷ ସହରର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିଲା। କିନ୍ତୁ ସହର ଆଧୁନିକ ଆଡ଼କୁ ଗତି କରୁଥିବା ବେଳେ ଅନେକ ବୃକ୍ଷ ଔଷଧିୟ ବୃକ୍ଷ ହଜିବାକୁ ବସିଲାଣି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଭାକୁସି ବୃକ୍ଷକୁ ଚର୍ମରୋଗ ଏବଂ ଅଗ୍ନିଶିଖା ବା ପାଞ୍ଚ ଆଙ୍ଗୁଳା ବୃକ୍ଷ ମଧୁମେହ, ଉଚ୍ଚରକ୍ତ ଚାପ। ପାଣିଆମ୍ବ ବୃକ୍ଷ କର୍କଟ ରୋଗ ଲୋଟକନ ବୃକ୍ଷକୁ ଆଣ୍ଠୁଗଣ୍ଠି ଓ କ୍ୟାଲସିୟମ୍ ପାଇଁ ବ୍ୟବହାର କରାଯାଉଥିବା ବେଳେ ଫାର୍ସକୋଳି ବୃକ୍ଷକୁ ଭିଟାମିନ୍ ପାଇଁ, ବଣ ମନ୍ଦାର ବୃକ୍ଷ ଜ୍ୱର, ନିମୋନିଆ ପାଇଁ ବ୍ୟବହାର ହୋଇଥାଏ। ଏହିପରି ଅମର ପୋଇ ବୃକ୍ଷ ମୁଣ୍ଡବିନ୍ଧା, କିଡ୍‌ନୀ ଷ୍ଟୋନ୍ ରୋଗରେ ବ୍ୟବହାର ହୋଇଥାଏ। ପାତାଳଗରୁଡ଼ ବୃକ୍ଷ ଫୁଡ୍ ପଏଜନ୍, ସ୍ନାୟୁ ଜନିତ ରୋଗ। ବିଲେଇ ଲାଞ୍ଜ ବୃକ୍ଷକୁ ମହିଳାଙ୍କ ମାସିକ ଧର୍ମରେ ଅନିୟମିତତା ପାଇଁ। ସଦାବିହାରୀ ବୃକ୍ଷ ଆଣ୍ଠଗଣ୍ଠି, ଉଚ୍ଚ ରକ୍ତଚାପ ପାଇଁ। ଭୀରନାମ ବୃକ୍ଷକୁ ପେଟ କାମୁଡ଼ା ଓ ଅପରାଜିତା ବୃକ୍ଷ ରୋଗ ପ୍ରତିରୋଧକ ରୋଗ ପାଇଁ। ନମୀ ବୃକ୍ଷ

ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ସଂରକ୍ଷଣ ହୋଇଛି ୨୦୭ ପ୍ରକାରର ବୃକ୍ଷ





ରକ୍ତଶୋଧନ ପାଇଁ ବ୍ୟବହାର କରାଯାଇଥାଏ। ଏହିପରି ମଧ୍ୟ ଅର୍ଜୁନ, କାଇଁଚ, ଗଦ, ଲୋଧା, ଆଶୋକ, ଚନ୍ଦ୍ର ମୂଳିକା, ବିଶଲ୍ୟକରଣି, କଳମେଘ, ଗୁଳୁଚି, ଭୃଷଙ୍ଗ, ଚନ୍ଦନ, ଲାଲ ଚନ୍ଦନ, ଅଶ୍ୱଗନ୍ଧା, ଗୁଡ଼ମାରି, ଡ଼ାଲଚିନି, ଘି କୁଆଁରୀ, ତୁଳସୀ, ନମୀ, ବେଲ, ମହୁଲ, ତେଜପତ୍ର, ହଳଦୀ, ଗଙ୍ଗ ଶିଉଳି ପରି ୨୦୭ଟି ଔଷଧିୟ ବୃକ୍ଷକୁ ସଂରକ୍ଷଣ କରାଯାଇଛି। ଏଥିମଧ୍ୟରୁ ୬୨ଟି ଔଷଧିୟ ବୃକ୍ଷ ଲୋପ୍ ପାଇବାକୁ ବସିଛି।

ଏହି ସବୁ ଔଷଧିୟ ବୃକ୍ଷ ମଧ୍ୟରୁ କିଛି ଔଷଧିୟ ବୃକ୍ଷ ଅନେକ ଲୋକଙ୍କ ବାରିରେ ହେଉ କିମ୍ବା ଛାତ ଉପରେ ତୁଳସୀ, ଲିମ୍ବ, ଭୃଷଙ୍ଗ, ଘି କୁଆଁରୀ ଦେଖିବାକୁ ମିଳେ। ଯାହାକି ଲୋକମାନେ ଦରକାର ସମୟରେ ଏହାକୁ ବ୍ୟବହାର କରାଯାଇପାରୁଛି। ଏହି ମଧ୍ୟରୁ ଅନେକ ବୃକ୍ଷକୁ ରାଜ୍ୟ ସମେତ ରାଜ୍ୟ ବାହାରୁ ମଧ୍ୟ ସଂଗ୍ରହ କରାଯାଉଛି। ବିଶେଷକରି ମହେନ୍ଦ୍ର ଗିରି, ଗନ୍ଧମାର୍ଦ୍ଦନ, ଦେଓମାଳୀ, କପିଳାସ ଆଦି ପର୍ବତରୁ ସଂଗ୍ରହ ହୋଇଥିବା ବେଳେ ବାଙ୍ଗାଲୋର, ତାମିଲନାଡୁର ନୀଳଗିରି ପର୍ବତ, କେରଳର ଏର୍ଣ୍ଣାକୁଲମ୍, ଲକ୍ଷ୍ନୌ ଆଦିରୁ ଅନେକ କିଛି ଔଷଧିୟ ବୃକ୍ଷ ସଂଗ୍ରହ କରାଯାଇଛି। ପରେ ଏହାକୁ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ଏହାକୁ ସଂରକ୍ଷଣ କରି ଏହାର ମଞ୍ଜିରେ ନୂତନ ବୃକ୍ଷ ସୃଷ୍ଟି କରିଯାଉଛି।

ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟ ଉନ୍ନତି ପାଇଁ ଔଷଧୀୟ ଉଦ୍ଭିଦ ଗବେଷଣା ଓ ବିକାଶକୁ ଯେତେ ଅଧିକା ଆଗ୍ରହ ଦେଇପାରିବା ଆମେ ସେତେ ଲୋପ ପାଉଥିବା ବୃକ୍ଷକୁ ସଂରକ୍ଷଣ କରିବା। ଫଳରେ ଏହି ବୃକ୍ଷ ଆଗକୁ ଔଷଧ ଉତ୍ପାଦନ ଓ ପ୍ରଚାର ପ୍ରସାର ମାଧ୍ୟମରେ ସମାଜରେ ସ୍ୱାସ୍ଥ୍ୟ ସୁଧାର କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିବ। ଲୋକଙ୍କର ସ୍ୱାସ୍ଥ୍ୟ ସାର୍ବଜନୀନ ହେବା ସହିତ ପାରମ୍ପରିକ ଔଷଧୀୟ ଉଦ୍ଭିଦର ଉପଯୋଗକୁ ମଧ୍ୟ ବୃହତ ରୂପେ ବୃଦ୍ଧି କରିବାକୁ ଯତ୍ନଶୀଳ ହେବ ବୋଲି ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ଼. ସାଇସସ୍ମିତା ହୋତା କହିଛନ୍ତି।

## ବିଜେଡି ପକ୍ଷରୁ ବାରିଷ୍ଟର ବିଶ୍ୱନାଥଙ୍କ ପୁଣ୍ୟତିଥି



ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ କରିବାରେ ରାଜ୍ୟରେ ପ୍ରଥମ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ଜଣେ ସକ୍ରିୟ ସଂଯୋଜକ। ମଧୁବାବୁଙ୍କୁ ଉତ୍କଳ ସମ୍ମିଳନୀର କାର୍ଯ୍ୟରେ କାନ୍ଧ କୁ କାନ୍ଧ ମିଶେଇ ସେ କାର୍ଯ୍ୟ କରିଥିଲେ। ଓଡ଼ିଆର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରତିଷ୍ଠା କରିବା ପାଇଁ ତାଙ୍କର କାଳଜୟୀ ଉଦ୍ୟମ ଆମକୁ ଯୁଗ ଯୁଗ ପାଇଁ ଗୌରବାନ୍ୱିତ କରୁଥିବ ବୋଲି ତାଙ୍କ ପୁଣ୍ୟତିଥିରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜଭବନ ସମ୍ମୁଖରେ ଅବସ୍ଥିତ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବିଶ୍ୱନାଥ ମିଶ୍ରଙ୍କ ଜୀବନୀ ଉପରେ ସ୍ୱରଚିତ କବିତା ପାଠ କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜ ସେବୀ ମନୋରଞ୍ଜନ ମହାନ୍ତି, ମାନିନୀ ପ୍ରଧାନ, ସୁବାସ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଅମିତ୍ ପାତାଳ ସିଂ।

● ପାଚିକା ମହାସଂଘର ଦାବି

## 'ପାର୍ବଣ ପୂର୍ବରୁ ବକେୟା ଦିଅ'



ଭୁବନେଶ୍ୱର, ୨୦।୯ (ସମିସ): ଗ୍ରାମାଞ୍ଚଳ ଶିକ୍ଷା ବିକାଶର ପ୍ରମୁଖ ଅଂଶ ଗ୍ରହଣକାରୀ ପାଚିକା ମାଆମାନଙ୍କ ପାର୍ବଣ ପୂର୍ବରୁ ସମସ୍ତ ବକେୟା ଦରମା ଦେବାକୁ ଦାବି କରିଛି ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ସଙ୍ଘ। ବିଜୁ ଶ୍ରମିକ ସାମୁଖ୍ୟ ସହ ବନ୍ଧିତ ରାଜ୍ୟ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟ ମହାସଚିବ ସୁବାସ ସିଂ ଯୋଗ ଦେଇ ମାଆମାନଙ୍କ ନାର୍ଯ୍ୟ ୭ ଦଫା ଦାବିକୁ ସମର୍ଥନ ସହ ପାଚିକାଙ୍କ ସମାଜିକ ସୁରକ୍ଷା ଏବଂ ଏବଂ ସର୍ବନିମ୍ନ ମଜୁରୀ ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଦାବି କରିଛନ୍ତି। ସେହିଭଳି ଶ୍ରୀ ସ୍ୱାଇଁ ତୁରନ୍ତ ମାଆମାନଙ୍କୁ ପରିଚୟପତ୍ର ଏବଂ ନିଯୁକ୍ତିପତ୍ର ପ୍ରଦାନ ପାଇଁ ଦାବି କରିବା ସହ ତୁରନ୍ତ ବକେୟା ଦରମା ଦେବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାନେତ୍ରୀ ସୁମିତ୍ରା ରଥ, ରାଜ୍ୟ ମୁଖ୍ୟ ସଂଯୋଜକ ପ୍ରଦୀପ ନାୟକ, ରାଜ୍ୟ ସମ୍ପାଦକ ଜଗନାଥ ମୁଦୁଲି, ସୁଭଦ୍ରା ଦାସ, ମଞ୍ଜୁଲତା ବିଶ୍ୱାଳ, ଗାୟତ୍ରୀ ମହାରଣା, ରୁକ୍ମଣୀ ଅମା, ଲୀଳା ବତୀ ମହନ୍ତ ସରକାର ତୁରନ୍ତ ସାତ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## 'ବିଭାବନା ପୂଜା ସଂଖ୍ୟା' ଉନ୍ମୋଚିତ

ଭୁବନେଶ୍ୱର, ୨୦।୯ (ସମିସ): ବିଭାବନାର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ରଙ୍କ ଅଧକ୍ଷତାରେ ବିଭାବନାର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପ୍ରାକ୍ତନ ପ୍ରଶାସକ ରଞ୍ଜନ କୁମାର ଦାସ, ମୁଖ୍ୟ ଅତିଥି ଭାବେ 'କାଦମ୍ବିନୀ' ସମ୍ପାଦକ ଡ. ଇତି ସାମନ୍ତ ଓ ସମ୍ମାନିତ ଅତିଥି ଭାବେ ଡ. ଉପେନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ଚମକ ଚାନ୍ଦିନୀ ଦାଶ ସଭା ପରିଚାଳନା କରିଥିବାବେଳେ 'ବିଭାବନା'ର ସମ୍ପାଦକ ଇଂ ମାନସ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସମାରୋହରେ 'ବିଭାବନା ପୂଜା ସଂଖ୍ୟା ୨୦୨୫' ଉନ୍ମୋଚିତ ହେବା ସହ ଅନ୍ୟ ତିନୋଟି ପୁସ୍ତକ, ଯଥା - ବିପ୍ରବର ପଣ୍ଡାଙ୍କ 'ଗୁଞ୍ଜରଣ', ସ୍ୱର୍ଗତ ଆଶା ମିଶ୍ରଙ୍କ 'ଚିଠିଟିଏ ଗପଟିଏ' ଓ ନିର୍ମଳା ମହାପାତ୍ରଙ୍କ 'ଆଦିତ୍ୟାୟନ' ଉନ୍ମୋଚିତ ହୋଇଥିଲା। ଏହି ସାରସ୍ୱତ ପରିବେଶରେ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଶାନ୍ତିଲତା ଦେବୀ, ଅରୁଣ ଗଡ଼ନାୟକ, ସଂଯୁକ୍ତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ, କଳ୍ପନା ବୋଇତି, ସୁବାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମାରୋହର ପ୍ରାରମ୍ଭରେ ଏକ ସ୍ୱରଚତ କବିତା ପାଠୋତ୍ସବରେ କବିତା ପାଠ ଅନୁଷ୍ଠିତ ହୋଇଥିଲା।

## ଦୁର୍ଗାପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ

ହଂସପାଳ, ୨୦।୯ (ସମିସ): ବାଲିଅନ୍ତା ଥାନା ଅଧୀନରେ ଥିବା ସମସ୍ତ ପଞ୍ଚାୟତର ଦୁର୍ଗାପୂଜା ଉପଲକ୍ଷେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ସମସ୍ତ ଦୁର୍ଗାପୂଜା କମିଟିର ସଭାପତି, ସମ୍ପାଦକ ଏବଂ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ। କିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ୍ ଭାବେ ପରିଚାଳନା କରାଯିବ, ସେ ବିଷୟରେ ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ଗାପୂଜା କମିଟି ତରଫରୁ ଦାୟିତ୍ୱରେ ଥିବା ଏକ ୧୦ ଜଣିଆ କମିଟିର ତାଲିକା ଥାନାରେ ଦବା ପାଇଁ ଥାନା ଅଧିକାରୀ ସମସ୍ତଙ୍କୁ ନିବେଦନ କରିଥିଲେ। ଭସାଣି ଶୋଭାଯାତ୍ରା ବେଳେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ଡିଯେ ଗାଡ଼ିକୁ ସମ୍ପୂର୍ଣ୍ଣ ବାରଣ ସହ ନିଶାମୁକ୍ତ ଭସାଣ ପ୍ରତି ଅଧିକା ଗୁରୁତ୍ୱ ଦେବାପାଇଁ ପୂଜା କମିଟି ଗୁଡ଼ିକୁ ଅବଗତ କରିଥିଲେ। ଏହି ବୈଠକରେ ବାଲିଅନ୍ତା ଥାନା ଏସଆଇ ମାନସ କୁମାର ମଲ୍ଲିକ ଏବଂ ରମାକାନ୍ତ ସାହୁ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ନିରୁଦ୍ଦିଷ୍ଟ



ବଅଁରପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।


ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୭୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୫୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ), ଅଶୋକ ସାମଲ, ସାରଦା ପୃଷ୍ଟି, ମନ୍ମଥ ସାମଲ



## ଖୋଲୁଛି କିଲର୍ ସ୍ୱାମୀର ଗୁମର

# ପୁଲିସ ତଦନ୍ତକୁ ଚାଲେଞ୍ଜ କରିଥିଲା ଦୀପକ



ଭୁବନେଶ୍ୱର, ୨୦।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ନାମରେ ଏବେ ଦୁଇଟି ହତ୍ୟା ମାମଲାର ତଦନ୍ତ ଚାଲିଛି। ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନଙ୍କ ଅଭିଯୋଗ କ୍ରମେ ଖୁଣ୍ଟୁଣୀ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଛି। ତଦନ୍ତ ଯେତିକି ଆଗକୁ ଯାଉଛି କିଲର୍ ସ୍ୱାମୀ ଦୀପକର କଳା କାରନାମାର ଗୁମର ସେତିକି ଖୋଲୁଛି। ଏହାରି ଭିତରେ ଆଉ ଏକ ନୂଆ କଥା ପଦାକୁ ଆସିଛି। ଅପର୍ଣ୍ଣାଙ୍କ ଦୁର୍ଘଟଣା ମାମଲାରେ ଟ୍ରକର ସମ୍ପୃକ୍ତି ନ ପାଇ ଖୁଣ୍ଟୁଣୀ ଥାନା ମାମଲା ବନ୍ଦ (ଏଫ୍ଆରଟି ନୋ କ୍ଲୁ) କରିବା ପରେ ପୁଲିସର ତଦନ୍ତକୁ ଚାଲେଞ୍ଜ କରିଥିଲା ଦୀପକ। ତଦନ୍ତ ସଠିକ୍ ହୋଇ ନ ଥିବା ବା ତଦନ୍ତରେ ସନ୍ତୁଷ୍ଟି ନ ଥିବା ଦର୍ଶାଇ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରିଥିଲା।

ସୂଚନାନୁସାରେ, ୨୦୧୮ ଏପ୍ରିଲ ମାସରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା। ୨୦୨୨ ମାର୍ଚ୍ଚ ମାସ ୧୭ ତାରିଖ ଦିନ ରାଜସ୍ୱ ନିରୀକ୍ଷକ ତଥା ଗର୍ଭବତୀ ପତ୍ନୀ ଅପର୍ଣ୍ଣା ଓ ଦୀପକ କାର୍ ଯୋଗେ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ଠାରେ ଗାଡ଼ି ରଖିଥିଲା। ପରିସ୍ରା କରିବା ପାଇଁ ଅପର୍ଣ୍ଣା ଚାଲି ଚାଲି ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ଓ ପରବର୍ତ୍ତୀ ସମୟରେ କଟକର ଏକ ଘରୋଇ ଡାକ୍ତରଖାନାରେ ସେ ପ୍ରାଣ ହରାଇଥିଲେ। ଓଡି -୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ପତ୍ନୀଙ୍କୁ ଧକ୍କା ଦେଇଥିଲା ବୋଲି ଦୀପକ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲା। ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ଦୁର୍ଘଟଣାରେ ଟ୍ରକର ସମ୍ପୃକ୍ତି ମିଳି ନ ଥିଲା। ଫଳରେ ପ୍ରମାଣ ଅଭାବ ଦର୍ଶାଇ ଫାଇନାଲ ଫର୍ମ (ଏଫ୍ଆରଟି ନୋ କ୍ଲୁ) କରି ମାମଲାଟିକୁ ବନ୍ଦ କରି ଦେଇଥିଲା।

### କୋର୍ଟରେ ଦାଖଲ କରିଥିଲା ପ୍ରୋଟେଷ୍ଟ ପିଟିସନ୍

### ହାତେଇଥାଆନ୍ତା କ୍ଷତିପୂରଣ ଟଙ୍କା

ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ପାଇଥିବା ଦୀପକ ଆହୁରି ଟଙ୍କା ହାତେଇବାକୁ ଯୋଜନା କରିଥିଲା। ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ (ଏମ୍ଏସିଟି) ରେ ସମ୍ପୃକ୍ତ ଟ୍ରକ୍ର ବୀମା କମ୍ପାନୀ ବିରୋଧରେ କେସ୍ କରି ଲକ୍ଷାଧିକ ଟଙ୍କା ପାଇବାକୁ ପ୍ଲାନ୍ କରିଥିଲା। ହେଲେ ପୁଲିସ ତଦନ୍ତରେ ଟ୍ରକ୍ର ସମ୍ପୃକ୍ତି ନ ଆସିବାରୁ ଦୀପକର ଯୋଜନାରେ ଫସର ଫାଟି ଯାଇଥିଲା। ପ୍ରମାଣ ଅଭାବ ଦର୍ଶାଇ ତଦନ୍ତକାରୀ ଅଧିକାରୀ ମାମଲା ବନ୍ଦ କରିଥିବାରୁ ଦୀପକ ପୁଲିସର ତଦନ୍ତକୁ ଚାଲେଞ୍ଜ କରିଥିଲା। ଉକ୍ତ ଟ୍ରକ୍ ହିଁ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦର୍ଶାଇ ପୁଲିସର ତଦନ୍ତ ବିରୋଧରେ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଦାୟର କରିଥିଲା। ଏବେ ଖୁଣ୍ଟୁଣୀ ଥାନା ପୁଲିସ ତଦନ୍ତ କରିବା ପରେ ଏଭଳି କଥା ପଦାକୁ ଆସିଛି।

### ନିଜ କଥା ପାଇଁ ନିଜେ ଫସିଲା

ଅପର୍ଣ୍ଣାଙ୍କ ମୃତ୍ୟୁ ଘଟଣାରେ ଦୀପକର ଦୋମୁହାଁ ନୀତି ତାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଅପର୍ଣ୍ଣା ଓ ଦୀପକ ଆସୁଥିବାବେଳେ ଖୁଣ୍ଟୁଣୀ ଥାନା ରାଧାକିଶୋରପୁର ଠାରେ ଅଘଟଣ ଘଟିଥିଲା। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କ ସମ୍ପର୍କୀୟଙ୍କୁ ଫୋନ୍ କରି କାରର ପଙ୍କଚର ଟାୟାର ବଦଳାଉଥିବା ବେଳେ ଦୁର୍ଘଟଣା ଘଟିଥିବା କହିଥିଲା। ହେଲେ ପରେ ଅପର୍ଣ୍ଣାଙ୍କ କଥାରେ ସେ ଗାଡ଼ି ରଖିବା ଓ ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ତାଙ୍କୁ ଟ୍ରକ୍ ଧକ୍କା ଦେଇଥିଲା ବୋଲି ଏଫ୍ଆଇଆରରେ ଉଲ୍ଲେଖ କରିଥିଲା। ଗୋଟିଏ ଘଟଣାକୁ ନେଇ ଦୁଇଟି ଭିନ୍ନ ଭିନ୍ନ କଥା ହିଁ ଦୀପକକୁ ସନ୍ଦେହ ଘେରକୁ ଠେଲି ଦେଇଛି। ଏଥିସହିତ ପ୍ରଥମେ ଦୁର୍ଘଟଣାସ୍ଥଳକୁ ଡକାଇ ପରେ ବାରମ୍ବାର ସ୍ଥାନ ବଦଳାଇଥିଲା। ଅପର୍ଣ୍ଣାଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା ନ କରି ସିଧାସଳଖ କଟକସ୍ଥିତ ଘରୋଇ ଡାକ୍ତରଖାନାକୁ ନେଇ ଯାଇଥିଲା। ଏହି କଥାରୁ ଚିକିତ୍ସା ଅଭାବରୁ ଗର୍ଭବତୀ ଅପର୍ଣ୍ଣାଙ୍କ ମୃତ୍ୟୁ ହେବା କଥାକୁ ଏଡ଼ାଇ ଦିଆଯାଇ ନପାରେ।

### ହତ୍ୟା ପୂର୍ବରୁ ଋଣ, ହତ୍ୟା ପରେ ବୀମା

ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଦୀପକ ଏବେ ଅପର୍ଣ୍ଣା ହତ୍ୟା ମାମଲାରେ ଛନ୍ଦି ହୋଇଛି। ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁପରେ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲେ ମଧ୍ୟ ଏବେ ହତ୍ୟା ମାମଲା ରୁଜୁକରି ଘଟଣାର ପୁନଃ ତଦନ୍ତ କରୁଛି ପୁଲିସ। ହେଲେ ଦୁଇଟି ଘଟଣାରେ ଗୋଟିଏ ସମାନତା ରହିଛି। ଅପର୍ଣ୍ଣାଙ୍କ ମୃତ୍ୟୁ ପୂର୍ବରୁ ଦୀପକ ତାଙ୍କ ନାମରେ ୨୫ ଲକ୍ଷ ଟଙ୍କା ଋଣ କରିଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଶୁଭମିତ୍ରା ମଧ୍ୟ ବ୍ୟାଙ୍କରୁ ୨୦ ଲକ୍ଷ ଟଙ୍କା ଋଣ କରି ଦୀପକକୁ ଦେଇଥିଲେ। ହେଲେ ପ୍ରଥମ ପତ୍ନୀ ନାମରେ ଦୀପକ ଋଣ କରିଥିବା ଜାଣି ଶୁଭମିତ୍ରା ତାଙ୍କୁ ଟଙ୍କା ମାଗିଥିଲେ। ଏହି ଟଙ୍କା ଫେରସ୍ତ ମାଗିବା ହିଁ ଶୁଭମିତ୍ରାଙ୍କ ପାଇଁ କାଳ ହେଲା। ଦୀପକ ଟଙ୍କା ଫେରାଇବାକୁ ଡାକି ଶୁଭମିତ୍ରାଙ୍କୁ ହତ୍ୟା କରି ଘଟଗାଁରେ ପୋତି ଦେଇଥିଲା। ଏହି ଟଙ୍କା ନେଣଦେଣକୁ ମଧ୍ୟ ହତ୍ୟାକାଣ୍ଡର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି। କିଲର୍ ସ୍ୱାମୀ ଦୀପକ ମୃତ୍ୟୁ ପୂର୍ବରୁ ଋଣ ଓ ମୃତ୍ୟୁପରେ ବୀମା ଟଙ୍କା ହାତେଇବାକୁ ସୁପରିକଳ୍ପିତ ଯୋଜନା କରିଥିବା ଏସବୁ କଥାରୁ ସ୍ପଷ୍ଟ ବାରି ହେଉଛି।

## ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ନାବାଳିକା ତଥା କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳର ହିତେଶ ଜେନା (୨୧)। ପୁଲିସ ସୂଚନା ଅନୁସାରେ, ପୀଡିତା ସହିଦନଗର ଥାନା ଅଧିନରେ ଥିବା ଏକ କଲେଜରେ ଯୁକ୍ତଦୁଇ ପଢ଼ିବା ସହ ଛାତ୍ରୀନିବାସରେ ରୁହନ୍ତି। ପୁନେର ଏକ କମ୍ପାନୀରେ କାମ କରୁଥିବା ହିତେଶ ସହିତ ଇନଷ୍ଟାଗ୍ରାମ ଜରିଆରେ ତାଙ୍କର ଚିହ୍ନାପରିଚୟ ହେବାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଏହି ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଜାଣିବା ପରେ ସେମାନେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମଧ ମାରିଥିଲେ। ପୀଡ଼ିତା ଏଥିରେ ଗଭୀର ମାନସିକ ଆଘାତ ପାଇଥିବା ପୀଡିତା ହିତେଶଙ୍କୁ ସବୁକଥା କହିଥିଲେ ଓ ତାଙ୍କୁ ନିଜ ସାଙ୍ଗରେ ନେଇଯିବା ଲାଗି କହିଥିଲେ। କିନ୍ତୁ ପୀଡିତା ନାବାଳିକା ଥିବା ହେତୁ ହିତେଶ ତାଙ୍କୁ ସାଙ୍ଗରେ ନେଇପାରିବେନି ବୋଲି କହିବାରୁ ପୀଡିତା ଆମ୍ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୀଡିତାଙ୍କ କହିବା ଅନୁଯାଇ ହିତେଶ ଗତ ଜୁଲାଇ ମାସରେ ତାଙ୍କୁ ସାଙ୍ଗରେ ନେଇ ସିକନ୍ଦରାବାଦ ଚାଲି ଯାଇଥିଲେ। ଏନେଇ କଲେଜର ପ୍ରିନ୍ସପାଲ୍ ତଥା ୱାର୍ଡେନ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେପଟେ ହିତେଶ ଓ ପୀଡ଼ିତା ସିକନ୍ଦରାବାଦର ଗୋଟିଏ ଗାଁରେ ଭଡା ନେଇ ପ୍ରାୟ ୧୦ ଦିନ ସେହିଠାରେ ରହିବା ସହ ନିକଟସ୍ଥ ଏକ ମନ୍ଦିରରେ ଉଭୟ ବିବାହ କରିଥିଲେ। ପୁଣି ସେଠାରୁ ପୁନେ ଅଭିମୁଖେ ଚାଲି ଯାଇଥିଲେ। ପୁନେରେ ରହିବା ମଧ୍ୟରେ ହିତେଶ ପୀଡିତାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିଲେ।

---

**ପ୍ରତିବାଦ ପରେ ବଦଳିଲା ନିୟମ**

## ମଲ୍ରେ ପ୍ରଥମ ଘଣ୍ଟା ପାଇଁ ଲାଗିବନି ପାର୍କିଂ ଫି’

ଭୁବନେଶ୍ୱର, ୨୦।୯ (ସମିସ): ବଦଳିଲା ମଲ୍ରେ ପାର୍କିଂ ଫି ଆଦାୟ ନିୟମ। ବନ୍ଦ ହେଲା ପାର୍କିଂ ଫି ଆଦାୟ। କିନ୍ତୁ ଗ୍ରାହକଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ତ୍ରାହୀ ଦେବ ନାହିଁ। କାରଣ ମଲ୍ରେ ପ୍ରଥମ ଏକ ଘଣ୍ଟା କୌଣସି ପାର୍କିଂ ଫି ଲାଗିବ ନାହିଁ। ଏହାପରେ ୧୦ ଟଙ୍କା ଦେବାକୁ ପଡ଼ିବ। ୩ଘଣ୍ଟା ପର୍ଯ୍ୟନ୍ତ ମଲ୍ ପାର୍କିଂରେ ଗାଡି ରଖିଲେ ୧୦ଟଙ୍କା ଦେବାକୁ ପଡ଼ିବ। ୩ଘଣ୍ଟାରୁ ଅଧିକ ସମୟ ଗାଡି ପାର୍କିଂ କଲେ ଅଧିକ ଟଙ୍କା ଦେବାକୁ ପଡ଼ିବ। ମଲ୍ରେ ଭିଡ ହେଲେ ଗାଡି ବାହାର କରିବାକୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗିବ ବୋଲି ଗ୍ରାହକ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଯଦି କେହି ରାତି ପର୍ଯ୍ୟନ୍ତ ରଖନ୍ତି ତେବେ ଗାଡି ମାଲ୍ କର୍ତ୍ତୃପକ୍ଷ ଟୋ କରିବେ ବୋଲି ବିଏମ୍ସି ଏବଂ ମଲ୍ ମାଲିକଙ୍କ ମଧ୍ୟରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୮ରୁ ଉର୍ଦ୍ଧ୍ୱ ମଲ୍ ମାଲିକ ଏହି ବୈଠକରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଯେଉଁ ମଲ୍ରେ ସିନେମା ହଲ୍ ରହିଛି ସେଠାରେ ଗ୍ରାହକମାନଙ୍କୁ ୩ ଘଣ୍ଟା ପର୍ଯ୍ୟନ୍ତ ପାର୍କିଂ ଫି ଛାଡ଼ କରାଯିବ। ସେହିପରି ଭିନ୍ନ ଭିନ୍ନ ବାଣିଜ୍ୟ ପ୍ରତିଷ୍ଠାନରେ ପାର୍କିଂ ଫି ଛାଡ କରିବାକୁ ଭିନ୍ନ ଭିନ୍ନ ସମୟସୀମା ଧାର୍ଯ୍ୟ କରାଯାଇଛି। ତେବେ କେଉଁ ମଲ୍ କେଉଁ ନିୟମ କରୁଛନ୍ତି ତାହା ସ୍ପଷ୍ଟ ଭାବେ ଡିସ୍ପ୍ଲେ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି। ବିଭିନ୍ନ ମଲରେ ଭିନ୍ନ ଭିନ୍ନ ନିୟମ ମନରେ ଦ୍ୱନ୍ଦ ବଢ଼ିବ ବୋଲି ଗ୍ରାହକଙ୍କ ପକ୍ଷରୁ କୁହାଯାଇଛି।

## ସୁନା ଚେନ୍ ଲୁଟେରା ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ସୁନା ଚେନ୍ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହଳଦୀ ପଡ଼ିଆ ବସ୍ତିର ବିଜୟ କୁମାର ସାହୁ (୫୧)।

ପୁଲିସ ସୂଚନା ଅନୁସାରେ, ଜାଗମରା ସିଦ୍ଧେଶ୍ୱର ନଗରରେ ରହୁଥିବା ବନସ୍ମିତା ସାହୁଙ୍କ ଶାଶୁ ରାସ୍ତା ଉପରେ ସ୍କୁଲ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ବିଜୟ ଏକ ସ୍କୁଟିରେ ଆସି ତାଙ୍କୁ ଫୁଲ ଯାଚି ଥିଲା। ସୁଯୋଗ ଦେଖି ତାଙ୍କ ବେକରୁ ୨୫ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ବନସ୍ମିତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ବିଜୟକୁ ଚିହ୍ନଟ କରିଥିଲା। ଆଜି ବିଜୟକୁ ଗିରଫ କରିବା ସହିତ ତା ହେପାଜତରୁ ଏକ ସୁନା ଚେନ ଓ ସ୍କୁଟି ଜବତ କରିଥିଲା। ବିଜୟ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା’ ନାମରେ ପୂର୍ବରୁ ୧୪ ଗୋଟି ଅପରାଧିକ ମାମଲା ରହିଛି।

# ଅଶାନ୍ତ ୟୁନିଭର୍ସିଟି ଲ’ କଲେଜ

### ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ସିନିୟର ଛାତ୍ରଙ୍କ ମାଡ଼

### ଆକ୍ରମଣର ଭେଲର ଭିଡିଓ ଭାଇରାଲ



ଭୁବନେଶ୍ୱର, ୨୦।୯ (ସମିସ): ପୂଜା ପୂର୍ବରୁ ଅଶାନ୍ତ ହୋଇପଡ଼ିଛି ୟୁନିଭର୍ସିଟି ଲ’କଲେଜ। ଶନିବାରକଲେଜ ପରିସରରେ ଗଣ୍ଡଗୋଳ ଦେଖିବାକୁ ମିଳିଛି। ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ତୃତୀୟ ବର୍ଷ ଛାତ୍ରଙ୍କ କ୍ଲାସ୍ ରୁମ୍ରେ ଆକ୍ରମଣ କରିବା ସହ ପାର୍କିରେ ଗୋଡାଇ ଗୋଡାଇ ମାଡ଼ ମାରିଥିଲେ। ଯାହାର ଭିଡ଼ିଓ ଏବେ ଭାଇରାଲ ହେଉଛି। ଏନେଇ ଥାନାରେ ଦ୍ୱିତୀୟ ବର୍ଷ ଛାତ୍ର ଦେବାଶିଷ ଜେନା ଏବଂ ତୃତୀୟ ବର୍ଷ ଛାତ୍ର ସତ୍ୟମେବ୍ ସାହୁ ଅଭିଯୋଗ କରିଛନ୍ତି। ଦୁଇଟି ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ଦ୍ୱିତୀୟ ବର୍ଷ ଛାତ୍ର ଦେବାଶିଷ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ତୃତୀୟ ବର୍ଷ ଛାତ୍ର ସତ୍ୟମେବ୍ ସବୁବେଳେ ରାଗିଂ କରନ୍ତି। କ୍ଲାସ୍କୁ ଯିବା ବେଳେ ବିଭିନ୍ନ ପ୍ରକାର କଥା କହିବା ସହ ଗାଳିଗୁଲଜ କରନ୍ତି। ରାଗିଂକୁ ନେଇ ପୂର୍ବରୁ ପ୍ରିନ୍ସପାଲ୍ଙ୍କୁ ଫେରାଦ ହୋଇଥିଲେ ଦେବାଶିଷ। ହେଲେ ପ୍ରିନ୍ସିପାଲ କିଛି ବୁଝି ନ ଥିବାରୁ ସତ୍ୟମେବଙ୍କ ଦୌରାତ୍ମ୍ୟ ବଢ଼ିଯାଇଥିଲା। ଯେଉଁଥି ପାଇଁ ଆଜି ସେ ପିଟିବାକୁ ସାହାସ କଲେ ବୋଲି କହିଛନ୍ତି ଦେବାଶିଷ।

ପୁଲିସ ସୂଚନା ଅନୁସାରେ, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ଶନିବାର କଲେଜରେ ପ୍ରଥମ ବର୍ଷର ପିଲାଙ୍କୁ ୱେଲ୍କମ୍ କରାଯାଉଥିଲା। ଏହି ସମୟରେ ଦୁଇଜଣ କୌଣସି ଏକ କଥାକୁ ନେଇ କଥା କଟାକଟି ହୋଇଥିଲେ। ଏହା ପରେ ଉଭୟ ମାଡ଼ପିଟ୍ ଆରମ୍ଭ କରିଥିଲେ। ଦେବାଶିଷଙ୍କୁ ତଳେ ପକାଇ ତାର ତଣ୍ଟି ଧରି ସତ୍ୟମେବ୍ ମାଡ ମାରିଥିଲେ। ଏପରିକି କଲେଜରେ ଥିବା ଅନ୍ୟ ଅଧକ୍ଷ ସେମାନଙ୍କୁ ଅଟକାଇଥିଲେ ମଧ ସେମାନେ ଶୁଣିନଥିଲେ। ବରଂ କ୍ଲାସ୍ ରୁମ୍ ବାହାରକୁ ଆସି ପାର୍କିଂରେ ପିଟାପିଟି ହୋଇଥିଲେ। ଆକ୍ରମଣରେ ଉଭୟ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ପହଞ୍ଚି ବୁଝାସୁଝା ପରେ ଉଭୟ ଥାନାକୁ ଆସି ଅଭିଯୋଗ

---

## ୧୮ ଲକ୍ଷର ବ୍ରାଉନ୍ସୁଗର ଜବତ; ବେପାରୀ ଗିରଫ



ଭୁବନେଶ୍ୱର, ୨୦।୯ (ସମିସ): ରାଜଧାନୀରେ କାୟା ବିସ୍ତାର କଲେଣି ନିଶା ବେପାରୀ। ସହରର ଗଳିକନ୍ଦିରେ ଗଞ୍ଜେଇ ଠାରୁ ଆରମ୍ଭ କରି ବ୍ରାଉନସୁଗର ବିକ୍ରି ହେଉଛି। ଶୁକ୍ରବାର କ୍ରାଇମବ୍ରାଞ୍ଚର ଏସଟିଏଫ୍ ୧୨୧ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ବେଳେ ଆଜି ୧୭୮ ଗ୍ରାମ ବ୍ରାଉନସୁଗର କରିଛି ଅବକାରୀ ବିଭାଗ। ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ମଞ୍ଚେଶ୍ୱର ଥାନା ଇଞ୍ଜଣା ଗାଁର କୃଷ୍ଣଚନ୍ଦ୍ର ନାଥ (୨୮)।

ସୂଚନାନୁସାରେ, ଇଞ୍ଜଣାର କୃଷ୍ଣଚନ୍ଦ୍ର କଳାରାହାଙ୍ଗ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରୁଥିବା ନେଇ ଅବକାରୀ ସ୍କ୍ୱାଡକୁ ଖବର ମିଳିଥିଲା। ଅବକାରୀ ଥାନାର ସ୍ୱତନ୍ତ୍ର ଟିମ୍ କୃଷ୍ଣଚନ୍ଦ୍ରକୁ ପିଛା କରିଥିଲେ। ପୁଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରୁଥିବା କୃଷ୍ଣଚନ୍ଦ୍ରକୁ କଳାରାହାଙ୍ଗ ରେଳ ଫାଟକ ନିକଟରେ ଅଟକାଇଥିଲା। ଯାଞ୍ଚ ସମୟରେ ତା’ ଠାରୁ ୧୭୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ସଂଗ୍ରହ କରି ଆଣି ରାଜଧାନୀର ବିଭିନ୍ନ ବେପାରୀଙ୍କୁ ଯୋଗାଉଥିଲା। କୃଷ୍ଣଚନ୍ଦ୍ର ନିୟମିତ ବ୍ୟବଧାନରେ ଏପରି କରି ଆସୁଥିଲା। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।

**ଉତ୍ପାତ କଲେଣି ଅପରାଧୀ**

# ପୂଜା ପୂର୍ବରୁ ଆକ୍ତାମାକ୍ତା ରାଜଧାନୀ



ଭୁବନେଶ୍ୱର, ୨୦।୯ (ସମିସ): ପୂଜା ପୂର୍ବରୁ ରାଜଧାନୀରେ ସକ୍ରିୟ ହେଲେଣି ଅପରାଧି। ପ୍ରତିଦିନ ହତ୍ୟା, ବୋମାମାଡ଼ ଏବଂ ଛୁରାମାଡ଼ରେ ଆତଙ୍କିତ ରାଜଧାନୀବାସୀ। ରାତି ହେଲେ ଘରୁ ଗୋଡ଼ କାଢିବାକୁ ଡରିଲେଣି ଲୋକେ। ଯଦି କେହି ବାହାରକୁ ଯାଉଛନ୍ତି ଅନ୍ଧାର ହେଲାମାତ୍ରେ ଫେରି ଆସୁଛନ୍ତି। ଏଭଳି ସ୍ଥିତିରେ ପୁଲିସ ଉପରୁ ଲୋକଙ୍କ ବିଶ୍ୱାସ ତୁଟି ଗଲାଣି। ସହରରେ ବିଗୁଡୁଥିବା ଆଇନ୍ ଶୃଙ୍ଖଳା ପାଇଁ କିଏ ଦାୟୀ ତାହାକୁ ନେଇ ପ୍ରଶ୍ନ ଉଠୁଛି। ବଡ଼ କଥା ହେଲା ପୁଲିସ ମଧ୍ୟ ନିଜେ ଅପରାଧରେ ଜଡ଼ିତ ରହୁଛି। ନିକଟରେ ଟ୍ରାଫିକ୍ କନ୍ଷ୍ଟେବଳ ଶୁଭମିତ୍ରା ହତ୍ୟା ଘଟଣାରେ ସିପି ଅଫିସର ଜଣେ ପୁଲିସ କର୍ମଚାରୀ ଦୀପକ ହତ୍ୟାକରି ଘଟଗାଁରେ ପୋତିଥିଲା। ସେହିପରି ଏୟାରପୋର୍ଟ ଥାନା ପୁଲିସ ଚାକିରି ଆଳରେ ଠକୁଥିବା ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗିରଫ କରିଥିଲା। ଏହିଭଳି ରାଜଧାନୀରେ ଏକାଧିକ ପୁଲିସ କର୍ମଚାରୀ ମଧ୍ୟ ଅପରାଧିରେ ଜଡ଼ିତ ହେଉଛି।

- ହତ୍ୟା, ବୋମାମାଡ଼ ଓ ଛୁରାମାଡ଼ ଆତଙ୍କ
- ଗୋଟିଏ ରାତିରେ ଘନଘନ ବୋମାମାଡ଼
- ଗାଡ଼ି ଧକ୍କା ପାଇଁ ଯୁବକଙ୍କୁ ଗୋଡ଼ାଇ ହାଣିଲେ
- ମାମଲା ରୁଜୁକରି ହାତବାନ୍ଧି ବସୁଛି ପୁଲିସ

ଗତ ମଙ୍ଗଳବାର ରାତିରେ ବି ରାଜଧାନୀର ଦୁଇଟି ସ୍ଥାନରେ ସିରିଜ୍ ବୋମାମାଡ଼ ହୋଇଥିଲା। କିଛି ବୋମା ଫୁଟିଥିବାବେଳେ ଆଉ କିଛି ଅଫୁଟା ବୋମା ଉଦ୍ଧାର କରିଥିଲା ପୁଲିସ। ମଇଁଶାଖାଲ ବସ୍ତିରେ ବୋମାମାଡ଼ ହୋଇଥିବା ବେଳେ ପରେ କଏଦୀ ଗୋଦାମବସ୍ତିରେ ବୋମା ମାଡ଼ ହୋଇଥିଲା। ବଡ଼ କଥା ହେଲା ପୁଲିସ ଉପସ୍ଥିତିରେ ଏହି ବୋମା ମାଡ଼ ହୋଇଛି। ହେଲେ ଏହି ଅଭିଯୋଗରେ ପୁଲିସ କେବଳ ମାମଲା ରୁଜୁ କରିଥିଲେ ମଧ୍ୟ ଅପରାଧିକୁ ଧରିବାରେ



ବିଫଳ ହୋଇଛି।

ଗତ ୧୬ ତାରିଖରେ ଗାଡ଼ି ଧକ୍କାକୁ କେନ୍ଦ୍ରକରି ମଇଁଶାଖାଲ ବସ୍ତିର ସନ୍ଦିପ ନାୟକ ନାମକ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ ଅଭିଯୁକ୍ତ। ସନ୍ଦୀପ ରାତି ୯ଟା ସମୟରେ ଗାଡି ନେଇ ଘରକୁ ଫେରୁଥିଲେ। ମଇଁଶାଖାଲ ବସ୍ତି ଛକରେ ବାଇକ୍ ଜଣଙ୍କ ସହ ପିଟି ହୋଇଯାଇଥିଲା। ଏହି କଥାକୁ ନେଇ ଉକ୍ତ ଦୁଇ ଜଣ ଯୁବକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହେଲେ ଅନ୍ୟ ଜଣେ ଯୁବକ ତାର ଗୋଷ୍ଠୀ ପିଲାଙ୍କୁ ଡାକି ଦେଇଥିଲେ। ପରେ ୬ ଜଣ ଅଭିଯୁକ୍ତ ସେଠାରେ ଖଣ୍ଡା, କଟୁରୀ ଧରି ଆସି ସନ୍ଦୀପଙ୍କୁ ହାଣିଥିଲେ।



ଗତ ୭ତାରିଖରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରେଳଡବା ମରାମତି କାରଖାନା ନିକଟ ଖେଳପଡ଼ିଆ ନିକଟରେ ଥିବା ଶୌଚାଳୟ ପଛରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ହତ୍ୟାକରି ସେଠାରେ ଫିଙ୍ଗି ଦେଇଥିଲେ। ଏପରିକି ମୃତଦେହ ଲୁଚାଇବା ପାଇଁ ତା ଉପରେ କୁଟା ଏବଂ ପଟା ପକାଇ ଦେଇଥିଲେ। ହତ୍ୟା ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତକୁ ଧରିବା ଦୂରର କଥା, ମୃତକଙ୍କ ପରିଚୟ ମଧ୍ୟ ମିଳିପାରିନାହିଁ। ଉକ୍ତ ବ୍ୟକ୍ତିର ପରିଚୟ ଦେଲେ ପୁଲିସ ପୁରସ୍କାର ଦେବାକୁ ଘୋଷଣା କରିଛି। ଏତେ ସବୁ ପରେ ବି ପୁଲିସ ତାର ପରିଚୟ ପାଇପାରିନି।

### ଟାକ୍ସି ଡ୍ରାଇଭର୍କୁ ଅପହରଣ ପରେ ହତ୍ୟା

ଚାକିରି ଟଙ୍କା ଫେରାଇବା ପାଇଁ ଜଣେ ଟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଅପହରଣର ୫ ଦିନ ପରେ ବାରଙ୍ଗ-ଚନ୍ଦକା ନିକଟ ରାସ୍ତାରୁ ମିଳିଲା କ୍ଷତବିକ୍ଷତ ମୃତଦେହ। ଗତ ୧୫ ତାରିଖରେ ତାଙ୍କୁ ଅପହରଣ କରାଯାଇଥିବା ନେଇ ବଡଗଡ଼ ଥାନାରେ ହୋଇଥିଲା ଅଭିଯୋଗ। କିନ୍ତୁ ପୁଲିସ ଅଭିଯୋଗକୁ ଭ୍ରୁକ୍ଷେପ କରି ନ ଥିବାରୁ ଦୁର୍ବୃତ୍ତମାନେ ତାକୁ ମାରି ଫିଙ୍ଗି ଦେଇଥିବା କୁହାଯାଉଛି। ଶନିବାର ବିଦ୍ୟାଧରଙ୍କ ମୃତଦେହ ମିଳିଛି।



# ଏକାଠି ପୂଜା କରିବେ ହିନ୍ଦୁ-ମୁସଲମାନ୍

## ଆସୁଛନ୍ତି ମା’ - ଡୁମୁଡୁମା ଦୁର୍ଗାପୂଜା କମିଟି



ଭୁବନେଶ୍ୱର, ୨୦।୯ (ସମିସ): ସମୟ ଯେତେ ଗଡୁଛି, ଉତ୍କଣ୍ଠା ସେତେ ବଢୁଛି। ଆଉ ଦିନ କେଇଟା ପରେ ଧରାବତରଣ କରିବେ ମା’ ଦୁର୍ଗତିନାଶିନୀ। ଏଥିପାଇଁ ଅଧିକାଂଶ ପୂଜା ମଣ୍ଡପରେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। କେଉଁଠି ତୋରଣ କାମ ଚାଲିଛି ତ ଆଉ କେଉଁଠି ମୂର୍ତ୍ତିଗୁଡ଼ିକରେ ଆରମ୍ଭ ହେଉଛି ରଙ୍ଗ କାମ। ସେହିପରି ରାସ୍ତାଘାଟଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ସଜ୍ଜା ଯାଉଛି। ସେହିକ୍ରମରେ ଡୁମୁଡୁମା ଦୁର୍ଗାପୂଜା କମିଟି ପକ୍ଷରୁ ମଧ୍ୟ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ମନମୋହିବ ବୈଷ୍ଣବଦେବୀ ତ୍ରିକୂଟ ପର୍ବତ

ଚଳିତ ବର୍ଷ ୨୨ ବର୍ଷରେ ପଦାର୍ପଣ କରୁଥିବା ବେଳେ ଏଥରର ଆକର୍ଷଣ ସାଜିବ ବୈଷ୍ଣମଦେବୀ ମନ୍ଦିର ରହିଥିବା ତ୍ରିକୂଟ ପର୍ବତ। ୬୦ଫୁଟ ଉଚ୍ଚତା ଓ ୭୫ ଫୁଟ ଚଉଡ଼ା ବିଶିଷ୍ଟ ଏହି ତ୍ରିକୂଟ ପର୍ବତରେ ବିରାଜମାନ ହେବେ ମା’। ତେବେ ଏଥର ମା’ଙ୍କର ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିଥିବାବେଳେ ମେଢ଼ର ଉଚ୍ଚତା ରହିଛି ୧୮ ଫୁଟ। ତୋରଣ ସାଙ୍ଗକୁ ମେଢ଼ ଓ ମା’ଙ୍କ ମୂର୍ତ୍ତିଗଢ଼ାରେ ନିମଗ୍ନ ରହିଛନ୍ତି କାରିଗର। ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ସେଥିପାଇଁ ସଦସ୍ୟମାନଙ୍କ ମଧ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଛି। ତେବେ ଏହି ମଣ୍ଡପର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ସର୍ବଧର୍ମ ସମନ୍ୱୟରେ ପୂଜା କରାଯାଏ। ହିନ୍ଦୁ, ମୁସଲମାନ ଆଦି ବିଭିନ୍ନ ଧର୍ମର ଲୋକମାନେ ଏକାଠି ପୂଜା କରି ଦୀର୍ଘ ୨୧ ବର୍ଷ ହେବ ଭାଇଚାରାର ବାର୍ତ୍ତା ପ୍ରଦାନ କରିଆସୁଛନ୍ତି। ଚଳିତ ଥର ରୁପା ମୁକୁଟ ଓ ଅଳଙ୍କାରରେ ମା’ଙ୍କ ସମେତ ପାର୍ଶ୍ୱ ଦେବାଦେବୀ ସଜ୍ଜିତ ହେବେ। ବିଧି ଅନୁସାରେ ଷଷ୍ଠୀରେ ବେଲ୍ୱବରଣୀ କରାଯାଇ ସପ୍ତମୀରେ କଳସଯାତ୍ରା ଓ ମା’ଙ୍କର ଚକ୍ଷୁଦାନ କରାଯିବ। ନବମୀ ଓ ଦଶମୀର ସନ୍ଧି ପୂଜା ଅନୁଷ୍ଠିତ ହେବ। ଷଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଭୋଗ ମା’ଙ୍କ ପାଖରେ ଅର୍ପଣ କରାଯିବ। ସେହିପରି ଅଷ୍ଟମୀରେ ମା’ଙ୍କ ନିକଟରେ ମହିଳାମାନେ ଶାଢ଼ି ପୂଜା କରିବାର ବ୍ୟବସ୍ଥା କରାଯିବ। ତେବେ ତୋରଣ, ସାଜସଜ୍ଜା ସାଙ୍ଗକୁ ଆକର୍ଷଣ ପାଲଟିବ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ପୂଜାରେ ଡୁମୁଡୁମା ଗାଁ, ଡୁମୁଡୁମା ହାଉସିଂବୋର୍ଡ ଫେଜ୍-୧ ରୁ ଫେଜ୍-୭, ସୁବାସ ନଗର, ରଘୁନାଥନଗର, ପଞ୍ଚଶଖାନଗର, ଯଦୁପୁର ମୁସିଲିମ୍ ବସ୍ତି ସମେତ ଆଖପାଖ ଅଞ୍ଚଳବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେବ।



ପୂଜାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ପୁଲିସ ପ୍ରଶାସନ ସମେତ ୬୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଚିତ୍ର ଉତ୍ତୋଳନ ଯନ୍ତ୍ର ଲଗାଯିବା ସାଙ୍ଗକୁ ଅଗ୍ନିନିରାପତ୍ତା, ଫାଷ୍ଟଏଡ୍ ସୁବିଧା ମଧ୍ୟ ରହିବ। ସେହିପରି ଉଭୟ ପୁରୁଷ ଏବଂ ମହିଳା ଭକ୍ତଙ୍କ ପାଇଁ ଅଲଗା ଅଲଗା ଧାଡ଼ି ବ୍ୟବସ୍ଥା କରାଯାଇ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗମାନଙ୍କ ସହଜ ଦର୍ଶନକୁ ସ୍ୱତନ୍ତ୍ରଭାବେ ଗୁରୁତ୍ୱ ଦିଆଯିବ।

**- ଅଶୋକ କୁମାର ଲେଙ୍କା, ସଭାପତି**



କମିଟି ପକ୍ଷରୁ ଭାଇଚାରାକୁ ଗୁରୁତ୍ୱ ଦିଆଯାଇ ପୂଜା କରାଯାଇଥାଏ। କମିଟିର ପ୍ରାୟ ୧ ହଜାର ସଦସ୍ୟଙ୍କ ଘରକୁ ମା’ଙ୍କ ଭୋଗ ପଠାଯାଇଥାଏ। ଏଥର ବିଭିନ୍ନ ପିଠାପଣା ସହ ଖେଚୁଡ଼ି, ଫଳ ଆଦି ଭୋଗ ଲାଗି ହେବ। ଏଥର ପାରମ୍ପରିକ ଭାବେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ନିଶାମୁକ୍ତ, ପ୍ଲାଷ୍ଟିକ ମୁକ୍ତ ଓ ଡିଜେ ମୁକ୍ତ ଭସାଣ ଶୋଭାଯାତ୍ରାରେ ଘୋଡ଼ାନାଚ, ଶିଙ୍ଗ ବାଜା, ଢ଼ୋଲ ଆଦି ପରିବେଷଣ କରାଯାଇ ମା’ଙ୍କୁ ମେଲଣି ଦିଆଯିବ।

**- ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ସମ୍ପାଦକ**

## ଭାଇବନ୍ଧୁ, କୁଟୁମ୍ବଙ୍କୁ ନେଇ ଚାଲେ ଗାଁ

### ଆମେ ଗାଁରୁ ଆସିଛୁ



ପିଲାଦିନେ ଗାଁର ବଡ଼ ବରଗଛ ଓହଳରେ ଦୋଳି ଖେଳଠୁ ବାତ୍ୟାରେ ସେହି ଗଛ ପଲେଇବା ଆମେ ସବୁ ଦେଖିଛୁ। ସାଙ୍ଗସାଥୀ ମିଶି ଗାଁ ବୁଲା ସହ ପର୍ବପର୍ବାଣୀରେ ସମସ୍ତଙ୍କ ଘରେ ପିଠା ଖିଆ ଭଳି ସ୍ମୃତି ଯେତେବେଳେ ମନେ ପଡ଼ିଯାଉଛି, ସତେ ଲାଗେ ଯେପରି ସେ ଦିନଗୁଡାକୁ ପୁଣି ବଞ୍ଚୁଛି। ଗାଁ କେବଳ ଏକ ସ୍ଥାନ ନୁହଁ ବରଂ ସେଠି ଭାଇ ବନ୍ଧୁ କୁଟୁମ୍ବଙ୍କୁ ସାଙ୍ଗରେ ନେଇ ଚଳୁଥିବା ଏକ ସ୍ନେହଭରା ଠିକଣା।

ଏପରି ଜଣେ ଗାଁ ପ୍ରେମୀ ହେଲେ ପ୍ରତାପ ସାହୁ। କଟକ ଜିଲ୍ଲା ମାହାଙ୍ଗା ବ୍ଲକର ମଣିଯୋରି ଗାଁରେ ତାଙ୍କ ଘର। ହେଲେ ୧୯୯୩ ମସିହାରୁ ରାଜଧାନୀରେ ଆସି ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ନୀଳାଦ୍ରିବିହାରର ରିକ୍ସା କଲୋନୀ। ସେ ଜଣେ ସମାଜସେବୀ ଭାବେ ପରିଚିତ। ଗାଁରୁ ଆସି ସହରରେ ରହିବାର ଅନୁଭୂତିରେ ସେ କୁହନ୍ତି ଗାଁ ଆଉ ସହର ଭିତରେ ଆକାଶ ପାତାଳ ଫରକ। ସେଠାରେ ଭାଇ, ବନ୍ଧୁ, କୁଟୁମ୍ବଙ୍କୁ ନେଇ ଗାଁ ଚଳେ। ହେଲେ ସହରରେ କେବଳ ସାଙ୍ଗସାଥୀ ଭାବ ଯାହା ରହିଛି। ସେ ବି କାଁ ଭାଁ ଦେଖିବାକୁ ମିଳେ। ଗାଁ ର ଚଳଣି ସହରଠାରୁ ଢେର ଅଲଗା। ସେଠାରେ ସବୁଜ ପରିବେଶ, ବିଲ ବାଡି ଦେଖି ମନ ଶାନ୍ତି ହେଇଯାଉଥିବାବେଳେ ଏଠାରେ କେବଳ ମାଳ ମାଳ କୋଠାବାଡି ଆଉ ଗାଡିର କେଁ କାଁ ଶବ୍ଦ ମନକୁ ଅସ୍ଥିର କରି ପକାଏ। ପ୍ରତି ଗାଁ ରେ ରହିଛି ନିଜର ପଣିଆ। କାରଣ ସେଠାରେ ପରିଚୟ। ଯେଉଁଠି ଗାଁ, ପରିବାର ନାମରେ ଲୋକ ଚିହ୍ନନ୍ତି। ଆମ ଗାଁର କୂଳ ଦେବୀ ମା ବୁଢ଼ୀ ଜାଗୁଳେଇ। ରଜ ସମୟରେ ତିନି ଦିନ ଯାକ ଉତ୍ସବମୁଖର ହୋଇ ଉଠେ ଆମ ଗାଁ। କେତେ ହସ ମଜା ଆଉ ପିଠାପଣାର ବାସ୍ନାରେ ମହକୁଥାଏ ଚାରିପାର୍ଶ୍ୱ। ସେତେବେଳେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳି। ଯେତେବେଳେ ମନ ହୁଏ ଗାଁରୁ ଯାଇ ବୁଲି ଆସେ। କାହିଁକି ନା ସେଠାରେ ଲୋକଙ୍କଠୁ ସ୍ନେହ ଶ୍ରଦ୍ଧା ମିଳେ, ଆଶୀର୍ବାଦ ମିଳେ। ଯାହା ମନକୁ ବେଶ ଖୁସି ଦିଏ। ବର୍ତ୍ତମାନର ପିଲା ସେସବୁ ପରିବେଶରେ ବଢ଼ିନାହାନ୍ତି କି ଜାଣିନାହାନ୍ତି। ଏବେ ତ ଗାଁ କୁ ମଧ୍ୟ ଧୀରେ ଧୀରେ ସହରୀକରଣ ମାଡିଗଲାଣି। ତଥାପି ସେ ମାଟି ସବୁବେଳେ ନିଜର ରହିଥିବ। ଆମ ଗାଁରେ ନଳିତା ଚାଷ ହୁଏ। ଯେଉଁ ସମୟରେ ନଳିତା ଶୁଖାଯାଏ ବେଶ ସୁନ୍ଦର ଦିଶେ। ସାଙ୍ଗସାଥୀ ମିଶି ତାକୁ ଆଣି କେତେ ମଜା କରିଛୁ। ସମୟ ସହ ସବୁକିଛି ସ୍ମୃତି ହୋଇଗଲାଣି, ହେଲେ ଏ ସ୍ମୃତି ମନରୁ କେବେ ଲିଭିବନି।

## ଆଉ ୫୦ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ରାଜ୍ୟପାଳ



ଭୁବନେଶ୍ୱର, ୨୦।୯ (ସମିସ): ଖୋର୍ଦ୍ଧା ଜିଲ୍ଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ପମ୍ପାଟି ଖାଦ୍ୟ ବାସ୍କେଟ ପ୍ରଦାନ କରିଛନ୍ତି। ରାଜଭବନର ମିନି କନଫରେନ୍ସ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଖୋର୍ଦ୍ଧା ଜିଲ୍ଲାର ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ସମାଜର ଦୁର୍ବଳ ବର୍ଗର ଆଉ ୫୦ ଜଣ ଔଷଧ-ପ୍ରତିରୋଧି ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିସନର ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟପାଳଙ୍କ ଶାସନ ସଚିବ ରୁପା ରୋଶନ ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡ. ବୃନ୍ଦା ଡି. ଙ୍କ ସମେତ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କିଟ୍‌ରେ ଜାତୀୟ ମାର୍କେଟିଂ କନ୍‌କ୍ଲେଭ୍




ଭୁବନେଶ୍ୱର, ୨୦।୯ (ସମିସ): କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ପକ୍ଷରୁ ୧୬ତମ ଜାତୀୟ ମାର୍କେଟିଂ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପପତି ହରି ମୋହନ ବାଙ୍ଗୁର ଯୋଗ ଦେଇଥିବା ବେଳେ ‘ସ୍ଥାୟୀ ବାଣିଜ୍ୟିକ ବିବିଧତା: ପ୍ରଯୁକ୍ତିବିଦ୍ୟା, ସଚ୍ଚୋଟତା ଏବଂ ବ୍ରାଣ୍ଡର ଭବିଷ୍ୟତ’ ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ବାଙ୍ଗୁର ଭାରତୀୟ ଅର୍ଥନୈତିକ ଯାତ୍ରା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି, ଡିନ୍ ପ୍ରଫେସର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଣୀବିହାରରେ ଲିପି ହେମ୍ବ୍ରମ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୦।୯ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପିକା ସ୍ୱର୍ଗତଃ ଲିପି ହେମ୍ବ୍ରମ ସ୍ମାରକୀ ବକ୍ତୃତା ଓଡ଼ିଆ ବିଭାଗ ଓ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ନାଟ୍ୟକାର ଓ ସାହିତ୍ୟ ସମାଲୋଚକ ପ୍ରାକ୍ତନ ପ୍ରଫେସର ନାରାୟଣ ସାହୁ ଉଦଘାଟନ କରିଥିଲେ। ଲିପି ହେମ୍ବ୍ରମଙ୍କ ସ୍ମରଣିକା ପାଠ କରିଥିଲେ ଦିନେଶ କୁମାର ନାଏକ। ସମ୍ମାନିତ ଅତିଥି ଭାବରେ କବି ଡ. ଅପର୍ଣ୍ଣା ମହାନ୍ତି ଲେଖକୀୟ ଜୀବନର ସ୍ୱର ସମ୍ପର୍କରେ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲାବେଳେ ସଭାପତିତ୍ୱ କରିଥିଲେ ବିଭାଗ-ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ର। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଡ. ନିଶାମଣି ସ୍ୱାଇଁ କବି ଗଡ଼ନାୟକଙ୍କ କାବ୍ୟସ୍ୱର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ପାଠଚକ୍ର ସମ୍ପାଦକ ଦିନେଶ କୁମାର ନାଏକ ଧନ୍ୟବାଦ ଦେଇଥିଲେ।

● ଓଡ଼ିଆ ଅସ୍ମିତା ପରିଷଦର ଦାବି

## ଓଡ଼ିଶାରେ ଗଠନ ହେଉ ଯୁଥ କମିସନ୍

ଭୁବନେଶ୍ୱର, ୨୦।୯ (ସମିସ): ରାଜ୍ୟରେ ୩୫ଭାଗ ହେଉଛନ୍ତି ଯୁବକ। ଆମେ ଯେତେବେଳେ ଏକ ସମୃଦ୍ଧଶାଳୀ ଓଡ଼ିଶାର ସ୍ୱପ୍ନ ଦେଖୁଛେ ସେତେବେଳେ ରାଜ୍ୟରେ ଯୁବକମାନଙ୍କୁ ସଶକ୍ତ କରିବାକୁ ପଡ଼ିବ। ୨୦୩୬ ବେଳକୁ ସ୍ୱତନ୍ତ୍ର ଓଡ଼ିଶାର ଶତବାର୍ଷିକ ପାଳନ ପୂର୍ବରୁ ଯଦି ଏ ରାଜ୍ୟର ଯୁବକମାନଙ୍କୁ ରୋଜଗାରକ୍ଷମ କରା ନ ଯାଏ ସଶକ୍ତ ଓ ସମୃଦ୍ଧଶାଳୀ କରା ନ ଯାଏ, ତେବେ ଓଡ଼ିଶା ମଧ୍ୟ ସଶକ୍ତ ହୋଇପାରିବ ନାହିଁ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖାଯାଇଥିବା ଏକ ଚିଠିରେ କୁହାଯାଇଛି। ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଆବାହକ ରବି ବେହେରାଙ୍କ ସମେତ ସଂଯୋଜକ ଅରୁଣ ଜେନା, ସୁବାସ କୁମାର ତାରଣିଆଁ, ଗଣେଶ ଚନ୍ଦ୍ର ପଣ୍ଡା, ପ୍ରତାପ ସାହୁ, ରାଜ୍ୟପ୍ରିୟ ଦାସ, ନାରାୟଣ ଡାଲୁଆ ପ୍ରମୁଖ ଓଡ଼ିଶାରେ ଏକ ଯୁଥ କମିସନ ଗଠନ ପାଇଁ ଦାବି କରିଛନ୍ତି।




ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତି ଦେବା ସମ୍ବନ୍ଧରେ ଓଡ଼ିଶା ପ୍ରି-ପ୍ରାଇମେରୀ ଆସ୍‌ପିରାଣ୍ଟ ଆସୋସିଏସନ ପକ୍ଷରୁ ପିଏମ୍‌ଜିରେ ବିକ୍ଷୋଭ

## ଓଡିଏମ୍ ଏଜୁକେସନାଲ ଗ୍ରୁପ୍‌ର ଇନୋଭେଞ୍ଚର ପ୍ରୋଗ୍ରାମ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଏମ୍ ଏଜୁକେସନାଲ ଗ୍ରୁପ୍ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ଭିତରେ ସୃଜନଶୀଳତାର ଆଗ୍ରହ ସୃଷ୍ଟି କରିବା ପାଇଁ ତାଙ୍କର ପ୍ରମୁଖ ପ୍ରକଳ୍ପ ‘ଇନୋଭେଞ୍ଚର ପ୍ରୋଗ୍ରାମ’ ଉଦଘାଟନ କରିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କୁ ଏକ ବିଂଶ ଶତାବ୍ଦୀର ବାସ୍ତବ ସମସ୍ୟାଗୁଡିକୁ ନବାଚାର ଆଧାରିତ ଉଦ୍ୟମ ଓ ଉଦ୍ୟୋଗ ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରେରିତ କରିବା। ଏହି ଅବସରରେ ଦହିବରା ଏକ୍ସପ୍ରେସ ସ୍ଥାପକ ଓ ସିଇଓ ସୌରଭ ଖାଣ୍ଡେଲୱାଲ ଓ ଓଡ଼ିଶା ଟେଲିଭିଜନ ନେଟୱାର୍କ ଗ୍ରୁପ ବିଜନେସ ହେଡ୍ ଲିଟିଶା ମଙ୍ଗତ ପଣ୍ଡା ଉପସ୍ଥିତ ଥିଲେ। ଓଡ଼ିଏମ୍ ଏଡ୍ୟୁକେସନାଲ ଗ୍ରୁପର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରିଣୀ ସ୍ୱୟନ୍ ସତ୍ୟେନ୍ଦୁ କହିଛନ୍ତି, ନବୀନତା ପ୍ରଗତିର ମୂଳସ୍ତମ୍ଭ। ‘ଇନୋଭେଞ୍ଚର ପ୍ରୋଗ୍ରାମ’ ମାଧ୍ୟମରେ ସମସ୍ୟା ସମାଧାନକାରୀ ଓ ପରିବର୍ତ୍ତନକାରୀ ଯୁବପିଢିଙ୍କୁ ଗଢୁଛୁ। ଏହା କେବଳ ଜୀବିକା ନିର୍ବାହ ନୁହେଁ ବରଂ ସମାଜର ପ୍ରଭାବଶାଳୀ ବିକାଶ ଓ ପ୍ରଗତି ପାଇଁ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ସେହିଭଳି କାର୍ଯ୍ୟକ୍ରମର ସଂଯୋଜକ କୁନ୍ଦନ ତ୍ରିପାଠୀ କହିଛନ୍ତି, ପ୍ରଥମ ବ୍ୟାଚ୍‌ରେ ୨୦ ଜଣ ଛାତ୍ର ୧୧ଟି କ୍ରାନ୍ତିକାରୀ ଓ ପରିବର୍ତ୍ତନକାରୀ ପ୍ରକଳ୍ପ ଉପରେ କାମ କରୁଛନ୍ତି। ଏହି ପ୍ରୋଜେକ୍ଟ ଗୁଡିକ ମଧ୍ୟରେ ଏଆଇ ଡ୍ରୋନ




ଡେଲିଭରି ସିଷ୍ଟମ, ସ୍ୱୟଂ ସୁସ୍ଥ ହେବା ସକ୍ଷମ ସ୍ମାର୍ଟ ବ୍ୟାଣ୍ଡେଜ, ସାପ କାମୁଡା ସନ୍ଧାନ ଆଦି ଅନ୍ତର୍ଭୁକ୍ତ। ଏହି ଅବସରରେ ଓଡ଼ିଏମ୍ ଏଡ୍ୟୁକେସନାଲ ଗ୍ରୁପ୍‌ର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ ଉପସ୍ଥିତରହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ଜ୍ଞାନର ପ୍ରକୃତ ଅର୍ଥ ବୁଝାଇଥିଲେ।

## ସମ୍ ପକ୍ଷରୁ ବିଶ୍ୱ ରୋଗୀ ସୁରକ୍ଷା ଦିବସ




ଭୁବନେଶ୍ୱର, ୨୦।୯ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୧ର କ୍ୱାଲିଟି ବିଭାଗ ପକ୍ଷରୁ ବିଶ୍ୱ ରୋଗୀ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର, ଏମ୍ସ ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ଡ. ଦିଲୀପ ପରଡ଼ା, ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍‌ଏଚ୍‌ଏମ୍) କ୍ୱାଲିଟି ବିଭାଗର ଡ. ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋଆର ଉପକୁଳପତି ପ୍ରଫେସର ଡ. ପ୍ରସେନ୍‌ଜିତ ମହାନ୍ତି ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର ଡ. ଅରକ୍ଷିତ ସ୍ୱାଇଁ ଯୋଗଦେଇ ଚଳିତ ବର୍ଷର ପ୍ରସଙ୍ଗକୁ ଉପରେ ଆଲୋଚନା କରିଥିଲେ। କମଳିନୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇସିଏନ୍‌ର ଇନ୍‌ଚାର୍ଜ ସତରୂପା ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆଙ୍କ ମାଡ଼ି ବସିଲାଣି ଅନ୍ୟ ପରମ୍ପରା

# ଦାଣ୍ଡିଆ ମାୟାରେ ବାୟା ହେଉଛନ୍ତି ଯୁବ ଓଡ଼ିଆ

- ବାଡ଼ି ଲେହେଙ୍ଗା କିଣିବାକୁ ଲାଗିଲାଣି ଖଚାଖଚ୍ ଭିଡ଼
- ବେପାରର ଜାଲ ବିଛାଉଛନ୍ତି ରାଜ୍ୟ ବାହାର ଦଲାଲ୍

ଭୁବନେଶ୍ୱର, ୨୦।୯ (ସମିସ): ବିଦେଶୀ ସଂସ୍କୃତିର ଛାପ ଆମ ଖାଦ୍ୟ, ପୋଷାକ, ଚାଲିଚଳଣୀକୁ ପ୍ରଭାବିତ କରିବା ପରେ ଏବେ ଆମ ଧର୍ମଧାରଣା ଓ ପୂଜାପାର୍ବଣରେ ଆଧିପତ୍ୟ ବିସ୍ତାର କରିଚାଲିଛି। କାଉଡ଼ିଆ, କଡ୍‌ୱା ଚଉଥ, ନବରାତ୍ରି ଆଦି ଏବେ ଆଧୁନିକ ଓଡ଼ିଆ ଘରର ପ୍ରଥା ଓ ପରମ୍ପରା ରୂପେ ସମ୍ପୂର୍ଣ୍ଣ ଗ୍ରହଣୀୟ ହୋଇସାରିଛି। ଧର୍ମବିଶ୍ୱାସ ଆଞ୍ଚଳିକତା, ଜାତିବାଦ ଓ ସାମ୍ପ୍ରଦାୟିକ ଭାବନାରୁ ଊର୍ଦ୍ଧ୍ୱରେ। ଏହି ଦୃଷ୍ଟିକୋଣରୁ ବିଦେଶୀ ପାର୍ବଣକୁ ଗ୍ରହଣ କରିବାରେ ଆପତ୍ତି ନାହିଁ; କିନ୍ତୁ ତାହା ଯେପରି ଆମ ଓଡ଼ିଆ ଘରର ମୌଳିକ ପ୍ରଥା ପରମ୍ପରାକୁ ଉତ୍ତରପିଢ଼ିର ଆଖିରୁ ସବୁଦିନ ପାଇଁ ଲୁଚାଇ ନ ଦେବ ସେଦିଗରେ ଯତ୍ନବାନ ହେବା ଆମ କର୍ତ୍ତବ୍ୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ସମୟ ସହ ତାଳ ଦେଇ ଦିନକୁ ଦିନ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି ସମସ୍ତେ। ପୂର୍ବ ପୁରୁଷମାନେ ଓଡ଼ିଶାର ଧର୍ମ ଓ ପରମ୍ପରାକୁ ଜାବୁଡ଼ି ଧରିଥିବା ବେଳେ ବର୍ତ୍ତମାନର ଯୁବପିଢ଼ି ଧୀରେ ଧୀରେ ଓଡ଼ିଆ ପରମ୍ପରା ଭିତରକୁ ଅନ୍ୟ ସଂସ୍କୃତି ଓ ପରମ୍ପରାକୁ ସାମିଲ କଲେଣି। ଯାହାକୁ କେବଳ ଧୁମ୍‌ଧାମରେ ପାଳନ କରୁନାହାନ୍ତି ବରଂ ଏହାର ପ୍ରଚାର ପ୍ରସାର, ପୁଞ୍ଜି ବିନିଯୋଗ ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଯାହାର ଉଦାହରଣ ହେଉଛି ଗୁଜୁରାଟରୁ ଆରମ୍ଭ ହୋଇଥିବା ଦାଣ୍ଡିଆ ନାଚ ଏବେ ଦେଶ ବିଦେଶରେ ଲୋକପ୍ରିୟତା ହାସଲ କରିସାରିଲାଣି। ନବରାତ୍ରିରେ ଗର୍‌ବା କରିବା ସହ ଦାଣ୍ଡିଆ ଖେଳାଯାଏ। ୯ଦିନରେ ମା’ଙ୍କୁ ୯ଟି ରୂପରେ ସଜ୍ଜିତ କରାଯିବା ସହ ଗର୍‌ବା ଓ ଦାଣ୍ଡିଆ ଖେଳା ନ ଗଲେ ନବରାତ୍ରି ପର୍ବ ଅଧୁରା ଲାଗେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଏହାର ଆକ୍ଷରିକ ଅର୍ଥ ହେଉଛି ‘ଗର୍ଭ’ କିମ୍ବା ‘ଭିତରର ଦୀପ’। ଏହାକୁ ଦେବୀଙ୍କ ପାଖରେ ପୂଜାର ପ୍ରତୀକ ଭାବେ ବିବେଚନା କରାଯାଏ। ତେବେ ଏହି ପରମ୍ପରା ଏବେ ଓଡ଼ିଆ ଘରେ ମଧ୍ୟ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ୯ଦିନ ଧରି ଯୁବତୀମାନେ ନବରାତ୍ରି ପାଳନ କରୁଛନ୍ତି। ଏହାସାଙ୍ଗକୁ ଦଶହରାରେ ବିଭିନ୍ନ ଅନୁଷ୍ଠାନ, ହୋଟେଲ ଗୁଡ଼ିକରେ ଗର୍‌ବା ନାଇଟସ୍ ପାଳନ କରାଯାଉଛି। ଯେଉଁଠାକୁ ହଜାର ହଜାର ଟଙ୍କା ଦେଇ ଯିବାକୁ ପଛାଉ ନାହାନ୍ତି ଓଡ଼ିଆ ଘରର ଲୋକେ। ସେହିପରି ରାଜଧାନୀର ବିଭିନ୍ନ ସ୍ଥାନରେ ଦୀର୍ଘବର୍ଷ ହେବ ପାଳନ ହୋଇ ଆସୁଥିବା ‘ଦାଣ୍ଡିଆ ନାଇଟସ୍’ରେ ମଧ୍ୟ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳେ। ମୋଟା ଅଙ୍କର ଟଙ୍କା ଦେଇ ଟିକଟ କିଣିବା ସହ ଏଥିପାଇଁ ସ୍ୱତନ୍ତ୍ର କଷ୍ଟ୍ୟୁମ୍ ପରିଧାନ କରିବା ବି ଏକ ନୂଆ ଧାରା ପାଲଟିଗଲାଣି। ଦାଣ୍ଡିଆ ନୃତ୍ୟ ପାଇଁ ବାଡ଼ି, ଗୁଜୁରାଟୀ ଲେହେଙ୍ଗା ଆଦି ରାସ୍ତାକଡ଼ରେ ରାଜ୍ୟ ବାହାରର ବ୍ୟବସାୟୀ ମଧ୍ୟ ବେପାର ଆରମ୍ଭ କଲେଣି। ଯାହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳୁଛି। ତେବେ ସଂସ୍କୃତିର ରାଜ୍ୟ ହେଉଛି ଓଡ଼ିଶା। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ ହୋଇଥିଲେ ବି ଅନ୍ୟ ରାଜ୍ୟ କିମ୍ବା ଅନ୍ୟ ଧର୍ମାମ୍ବଲମ୍ବୀ ମାନେ ପାଳନ କରୁନଥିବା ବେଳେ ଓଡ଼ିଆ ଲୋକେ ବିଭିନ୍ନ ପରମ୍ପରାକୁ ଆପଣାଇଥିବା ଦେଖିବାକୁ ମିଳିଛି। ତେବେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ମାନେ ମହାପ୍ରଭୁଙ୍କ ରଥଯାତ୍ରା, ପାରମ୍ପରିକ ରଜ ଉତ୍ସବ, ନୂଆଁଖାଇ ଆଦି ପର୍ବ ପାଳନ କରୁଛନ୍ତି। ତାହା ପୁଣି କେବଳ ବିଦେଶରେ ରହୁଥିବା ଓଡ଼ିଆଙ୍କ ଦ୍ୱାରା ଆୟୋଜନ କରାଯାଉଛି। ହେଲେ ଓଡ଼ିଶାରେ ଓନମ୍ ପର୍ବ ଠାରୁ ଆରମ୍ଭ କରି ଛଟ୍ ପୂଜା, ନବରାତ୍ର, ଦାଣ୍ଡିଆ ଉତ୍ସବକୁ ଧୁମଧାମରେ ପାଳନ କରିବା ସହ ଏହାକୁ ନେଇ ଅନେକ ବ୍ୟବସାୟ ମଧ୍ୟ ଆରମ୍ଭ କରୁଥିବା କୁହାଯାଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୧୨ ● ପାଉଣ୍ଡ ୧୧୯.୨୩
- ୟୁରୋ ୧୦୩.୮୯ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୧,୭୯୦ (ନୂଆଦିଲ୍ଲୀ)
- ରୁପା : ୧,୩୨,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୩୮୦.୦୦
- ନିଫ୍ଟି ୨୫,୨୩୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଏଚ-୧ବି ଭିସା ଦେୟ ବୃଦ୍ଧିର ପ୍ରଭାବ

# ଆମେରିକୀୟ କମ୍ପାନୀଙ୍କ ମଧ୍ୟରେ ଭାଳେଣି

**କର୍ମଚାରୀଙ୍କୁ ତୁରନ୍ତ ଫେରିବାକୁ ନିର୍ଦ୍ଦେଶ**

**ବିମାନରୁ ଫେରିଲେ ଭାରତୀୟ କର୍ମଚାରୀ**

**ଭାରତରୁ ଆମେରିକା ବିମାନ ଭଡ଼ା ଦ୍ୱିଗୁଣିତ**




ନୂଆଦିଲ୍ଲୀ, ୨୦। ୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ଦେୟ ବଢ଼ାଇ ପ୍ରାୟ ୮୮ ଲକ୍ଷ ଟଙ୍କା କରିଦେଇଛନ୍ତି। ଏହାକୁ ନେଇ ଆମେରିକା ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ଭାଳେଣୀ ପଡ଼ିଛି। ମାଇକ୍ରୋସଫ୍ଟ, ମେଟା, ଫାଇନାନ୍‌ସିଆଲ କମ୍ପାନୀ ଜେପି ମୋର୍ଗାନ ଏବଂ ଇ-କମର୍ସ କମ୍ପାନୀ ଆମାଜନ ନିଜ ବିଦେଶୀ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଅନୁଯାୟୀ ମାଇକ୍ରୋସଫ୍ଟ ଶନିବାର ନିଜ କର୍ମଚାରୀଙ୍କୁ ଇଣ୍ଟରନାଲ ଇ-ମେଲ ପଠାଇଛି। ଏଥିରେ ଏଚ-୧ବି ଏବଂ ଏଚ-୪ ଭିସା ଧାରକଙ୍କୁ ତୁରନ୍ତ ଆମେରିକା ଫେରି ଆସିବାକୁ କୁହାଯାଇଛି। ମାଇକ୍ରୋସଫ୍ଟ ପକ୍ଷରୁ କୁହଯାଇଛି ଯେ ଏଚ-୧ବି ଭିସା ଧାରକ ଆଗାମୀ କିଛି ସମୟ ପର୍ଯ୍ୟନ୍ତ ଆମେରିକାରେ ରହିବେ। ଏଚ-୪ ଭିସାଧାରୀଙ୍କୁ ମଧ୍ୟ ଏହି ପରାମର୍ଶ ଦିଆଯାଉଛି। ସମୀୟାସୀମା ସରିବା ପୂର୍ବରୁ ରବିବାର ସୁଦ୍ଧା ଆମେରିକା ଫେରିବାକୁ ପରାମର୍ଶ ଦିଆଯାଇଛି। ମେଟା ମଧ୍ୟ ନିଜ କର୍ମଚାରୀଙ୍କୁ ଏଭଳି ସତର୍କତା ଜାରି କରିଛି। ଜେପି ମୋର୍ଗାନ ମଧ୍ୟ ନିଜର ଗ୍ଲୋବାଲ କର୍ମଚାରୀଙ୍କୁ ସତର୍କ ହୋଇ ଆମେରିକାରେ ରହିବାକୁ କହିଛି।

ଅନ୍ୟପକ୍ଷରେ ଆମାଜନ ନିଜ କର୍ମଚାରୀଙ୍କୁ ଚେତାବନୀ ଦେଇଛି। ରବିବାର ରାତି ୧୨ଟା ସୁଦ୍ଧା ଏବଂ ଇଷ୍ଟର୍ଣ୍ଣ ଡେଲାଇଟ ଟାଇମ (ଇଡିଟି) ତଥା ଭାରତୀୟ ସମୟ ସକାଳ ୯ ଟା ୩୧ ମଧ୍ୟରେ ଆମେରିକା ଫେରି ଆସିବାକୁ କହିଛି। ଏବେ ଅନ୍ତର୍ଜାତୀୟ ଉଡ଼ାଣରୁ ଦୂରେଇ ରହିବା ପାଇଁ ଭାରତୀୟ ଏବଂ ଅନ୍ୟ ବିଦେଶୀ କର୍ମଚାରୀଙ୍କୁ ଆମାଜନ ପରାମର୍ଶ ଦେଇଛି। ଆମେରିକା ଏଚ-୧ବି ଭିସା ଦେୟ ବୃଦ୍ଧି ଖବରକୁ ନେଇ ଭାରତୀୟ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସାନ୍ ଫ୍ରାନ୍‌ସିସ୍‌କୋରେ ଅନେକ ଭାରତୀୟ ଯାତ୍ରୀ ବିମାନରେ ବସିବା ପରେ ଫେରିବା ପାଇଁ ଦାବି କରିଥିଲେ। ପରେ ସେମାନେ ଓହ୍ଲାଇ ଆସିଥିଲେ। ଜଣେ ଯାତ୍ରୀ ମାସୁଦ ରାଣା କହିଛନ୍ତି ଯେ ତାଙ୍କ ବିମାନ ତିନି ଘଣ୍ଟା ପର୍ଯ୍ୟନ୍ତ ବିମାନବନ୍ଦରରେ ଅଟକି ରହିଥିଲା। କାରଣ ଅନେକ ଯାତ୍ରୀ ବିମାନରୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ଆମେରିକାରୁ ଗଲେ ଆଉ ଫେରି ହେବନାହିଁ ବୋଲି ସେମାନେ ଭୟ କରିଥିଲେ। ଏହା ବ୍ୟତୀତ ଦୁବାଇରୁ ଆମେରିକା ବିମାନରେ ବସିଥିବା ଅନେକ ଯାତ୍ରୀ ବିମାନବନ୍ଦରରେ ଓହ୍ଲାଇ ପଡ଼ିଛନ୍ତି। ସେମାନେ ଠିକ୍ ସମୟରେ ଆମେରିକାରେ ପହଞ୍ଚି ପାରିବେନି ବୋଲି ଭାବିଥିଲେ। ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ ପୁଣିଥରେ ପ୍ରବେଶ କଷ୍ଟସାଧ ହୋଇଯିବ।

ଦୁବାଇରୁ ମୁମ୍ବାଇ ଯାଉଥିବା ଏକ ବିମାନରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଥିଲା। ପ୍ରାୟ ୧୦ ରୁ ୧୫ ଜଣ ଏଚ-୧ବି ଭିସାଧାରକ ଶୀଘ୍ର ଆମେରିକା ଫେରିବା ନେଇ ଚିନ୍ତିତ ହୋଇ ୨୦ ମିନିଟ୍ ମଧ୍ୟରେ ବିମାନରୁ ଓହ୍ଲାଇ ପଡ଼ିଥିଲେ। ଟ୍ରମ୍ପଙ୍କ ନିଷ୍ପତ୍ତି ଯୋଗୁଁ ଭିସାଧାରକଙ୍କ ମଧ୍ୟରେ ଆତଙ୍କ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଛୁଟିରେ କିମ୍ବା ପର୍ବପର୍ବାଣୀ ପାଇଁ ଭାରତ ଆସିଥିବା ଅନେକ ଆଇଟି ପ୍ରଫେସନାଲ ଫସି ଯାଇଛନ୍ତି। ଟ୍ରମ୍ପଙ୍କ ନିଷ୍ପତ୍ତି ପରେ ଭାରତ-ଆମେରିକା ବିମାନ ଭଡ଼ା ଦୁଇ ଗୁଣା ବୃଦ୍ଧି ପାଇଛି। ଦିଲ୍ଲୀରୁ ନ୍ୟୁୟର୍କ ବିମାନ ଟିକଟ ମୂଲ୍ୟ ୩୭ ହଜାରରୁ ୭୦-୮୦ ହଜାରରେ ପହଞ୍ଚି ଯାଇଛି। ଜଣେ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଦିଲ୍ଲୀରୁ ନ୍ୟୁୟର୍କର ଭଡ଼ା ଏବେ ୪,୫୦୦ ଡଲାରରେ (ପ୍ରାୟ ୩.୭ ଲକ୍ଷ ଟଙ୍କା) ରେ ପହଞ୍ଚିଯାଇଛି। କିଛି ଲୋକ ଆମେରିକା ଯାତ୍ରା କରିବାର ଯୋଜନାକୁ ମଧ୍ୟ ବାତିଲ କରିଛନ୍ତି। ଏହି ସମୟରେ ଛୁଟିରେ ଯାଉଥିବା କିମ୍ବା ବ୍ୟବସାୟ ପାଇଁ ଭାରତ ଯାତ୍ରା କରୁଥିବା ଅନେକ ଲୋକ ସମୟସୀମା ପୂର୍ବରୁ ଆମେରିକା ଫେରି ପାରିନାହାନ୍ତି। ନୂଆ ନିୟମ ଅନୁଯାୟୀ ଏଚ-୧ବି ଭିସା ଧାରକମାନଙ୍କୁ ରବିବାର ୧୨ଟା ୦୧ ସୁଦ୍ଧା ଆମେରିକାରେ ପ୍ରବେଶ କରିବାକୁ ପଡିବ। ଏହା ପରେ ଗଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ।

## କେନ୍ଦ୍ରକୁ ସମାଲୋଚନା କଲେ ରାହୁଲ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଆମେରିକାର ଏଚ-୧ବି ଭିସା ଦେୟ ବୃଦ୍ଧି ନିଷ୍ପତ୍ତିକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ଭାରତ ପାଖରେ ଦୁର୍ବଳ ପ୍ରଧାନମନ୍ତ୍ରୀ ଅଛନ୍ତି ବୋଲି ସେ କହିଛନ୍ତି। ଏହା ସହିତ ୨୦୧୭ର ଏକ ପୋଷ୍ଟକୁ ସେ ପୁଣିଥରେ ସେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି। ଏଚ-୧ବି ଭିସାକୁ ନେଇ ମୋଦୀ ଆମେରିକା ସହ ଆଲୋଚନା କରି ନ ଥିଲେ ବୋଲି ସେ ଏଥିରେ ଅଭିଯୋଗ କରିଥିଲେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଲେଖିଛନ୍ତି ଯେ ଜନ୍ମଦିନରେ ମୋଦୀ ଯେଉଁ ରିଟର୍ଣ୍ଣ ଗିଫ୍ଟ ଦେଇଛନ୍ତି ତାହାକୁ ନେଇ ସବୁ ଭାରତୀୟ ଦୁଃଖିତ। ରାଷ୍ଟ୍ରୀୟ ସ୍ୱାର୍ଥ ସବୁଠାରୁ ଆଗରେ। କୋଳାଗ୍ରତ କରିବା ଏବଂ ଲୋକଙ୍କ ମାଧ୍ୟମରେ ମୋଦୀ ମୋଦୀ ସ୍ଲୋଗାନ ଦେବା ବିଦେଶୀ ନୀତି ନୁହେଁ।

## ଦାମ୍ ହ୍ରାସ ନ କଲେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): କେନ୍ଦ୍ର ସରକାର ଗତ ୨୨ ତାରିଖରେ ଜିଏସ୍ଟି ସ୍ଲାବ ହ୍ରାସ କରିଥିଲେ। ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବେ ଲାଗୁ କରି ଜନତାଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଦାମ୍ କମ୍ ହୋଇଛି କି ନାହିଁ ତାହା ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖିବେ। କମ୍ପାନୀ ଦାମ୍ ନ କମାଇ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏଥିପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ଜିଏସଟି ବିଭାଗର ଅଧିକାରୀ କ୍ଷେତ୍ରକୁ ଯାଇ ନୀରିକ୍ଷଣ କରିବେ। ଘୋଷଣା କରାଯାଇଥିବା ସାମଗ୍ରୀର ଦାମ୍ ହ୍ରାସ କରାଯାଇଛି କି ନାହିଁ ଯାଞ୍ଚ କରିବେ। ଦାମ୍ ହ୍ରାସ ନ କରିଥିଲେ ଦୋକାନୀଙ୍କ ଦିଆଯାଉଥିବା ଟ୍ୟାକ୍ସ କ୍ରେଡିଟକୁ ବ୍ଲକ କରିଦିଆଯିବ। ଏ ନେଇ କେନ୍ଦ୍ରୀୟ ଜିଏସ୍ଟି ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏଥିରେ ଦାମ୍ ହ୍ରାସ ପାଇଥିବା ୫୪ ସାମଗ୍ରୀର ତାଲିକା ପ୍ରସ୍ତୁତ କରାଯାଇଛି।

**ଜିଏସ୍‌ଟି ୨.୦**

### ୟୁରୋପର ତିନି ବଡ଼ ବିମାନବନ୍ଦର ଉପରେ ସାଇବର ଆକ୍ରମଣ

# ଚେକ୍-ଇନ, ବୋର୍ଡିଂ ସିଷ୍ଟମ୍ ଠପ୍

ଲଣ୍ଡନ, ୨୦। ୯ (ଏଜେନ୍ସି): ୟୁରୋପର ତିନୋଟି ବଡ଼ ବିମାନବନ୍ଦର ଉପରେ ଶନିବାର ସାଇବର ଆକ୍ରମଣ ହୋଇଛି। ଏହା ମଧ୍ୟରେ ଲଣ୍ଡନର ହିଥ୍ରୋ, ଜର୍ମାନୀର ବର୍ଲିନ ଏବଂ ବେଲ୍ଜିୟମର ବ୍ରସେଲ୍ସ ବିମାନବନ୍ଦର ସାମିଲ ରହିଛି। ସାଇବର ଆଟାକ ଯୋଗୁଁ ଏହି ସବୁ ବିମାନବନ୍ଦରରେ ଚେକ୍-ଇନ ଏବଂ ବୋର୍ଡିଂ ସିଷ୍ଟମ ଠପ୍ ହୋଇ ଯାଇଥିଲା। ଏଥିଯୋଗୁଁ ଅନେକ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଆଉ କିଛି ବିମାନକୁ ବାତିଲ କରିଦିଆଯାଇଥିଲା। ଚେକ୍-ଇନ୍ ଏବଂ ବୋର୍ଡିଂ ସିଷ୍ଟମ୍ ବନ୍ଦ ଥିବାରୁ ଯାତ୍ରୀମାନଙ୍କୁ ମାନୁଆଲି (ପ୍ରତ୍ୟକ୍ଷ ଭାବେ) ଚେକ୍-ଇନ୍ କରିବାକୁ ପଡିଥିଲା। ଏହା ଉଡ଼ାଣ ସମୟକୁ ପ୍ରଭାବିତ କରିଥିଲା। ଶନିବାର ଅପରାହ୍ନ ସୁଦ୍ଧା ହିଥ୍ରୋ ବିମାନବନ୍ଦରକୁ ଯାଉଥିବା ଏବଂ ଆସୁଥିବା ୧୪୦ ରୁ ଅଧିକ ବିମାନ ବିଳମ୍ବିତ ହୋଇଥିଲା। ବ୍ରସେଲ୍ସକୁ ଯାଉଥିବା ୧୦୦ ରୁ ଅଧିକ ଏବଂ ବର୍ଲିନ ମୁହାଁ ୬୦ ରୁ ଅଧିକ ବିମାନ ଉପରେ ଏହାର ପ୍ରଭାବ ପଡ଼ିଥିଲା। ବ୍ରସେଲ୍ସ ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ ବିମାନବନ୍ଦରର ଚେକ୍-ଇନ୍ ଏବଂ ବୋର୍ଡିଂ ସିଷ୍ଟମ୍ ପାଇଁ ଦାୟୀ ସେବା ପ୍ରଦାନକାରୀ କମ୍ପାନୀ ଉପରେ ଶୁକ୍ରବାର ରାତିରେ ସାଇବର ଆକ୍ରମଣ ହୋଇଥିଲା। ଚେକ-ଇନ ଏବଂ ବୋର୍ଡିଂ ସିଷ୍ଟମ ସମ୍ବନ୍ଧିତ ସେବା ପ୍ରଦାନକାରୀ କମ୍ପାନୀର ଏମ୍‌ୟୁଏସଇ ସଫ୍ଟୱେରକୁ ନିଶାଣ କରାଯାଇଥିଲା। ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ଏହି ସଫ୍ଟୱେର ବ୍ୟବହାର କରାଯାଉଛି। ତେବେ ଏହା ଉପରେ ସାଇବର ଆକ୍ରମଣର କୌଣସି ପ୍ରଭାବ ପଡ଼ି ନାହିଁ। ଭାରତର ସବୁ ବିମାନବନ୍ଦର ସୁରକ୍ଷିତ ଅଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ହ୍ୟାକର୍ସମାନେ କଲିନ୍ସ ଏରୋସ୍ପେସ କମ୍ପାନୀର ସିଷ୍ଟମକୁ ଟାର୍ଗେଟ କରିଥିଲେ। ଏହା ବିମାନବନ୍ଦରଗୁଡ଼ିକରେ ଚେକ୍-ଇନ୍ ଏବଂ ବୋର୍ଡିଂ ସିଷ୍ଟମ ପ୍ରଦାନ କରୁଛି। କଲିନ୍ସ ଏରୋସ୍ପେସର ମୂଳ କମ୍ପାନୀ ଆରଟିଏକ୍ସ ପକ୍ଷରୁ କୁହାଯାଇଛି ଯେ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ କାର୍ଯ୍ୟ ଜାରି ରହିଛି। ତେବେ ଫ୍ରାଙ୍କଫର୍ଟ ଏବଂ ଜୁରିଚ୍ ଭଳି ପ୍ରମୁଖ ୟୁରୋପୀୟ ବିମାନବନ୍ଦର ଏହି ଆକ୍ରମଣରୁ ରକ୍ଷା ପାଇଯାଇଛି। ଏହା ପୂର୍ବରୁ ଶୁକ୍ରବାର ଆମେରିକା ଡାଲାସର ଦୁଇଟି ବିମାନବନ୍ଦରରେ ଟେଲିକମ୍ୟୁନିକେସନ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ୧୮୦୦ ରୁ ଅଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ (ଏଫଏଏ) ଏଥିପାଇଁ 'ଗ୍ରାଉଣ୍ଡ ଷ୍ଟପ୍' ଜାରି କରିଥିଲା।

**ଅନେକ ବିମାନ ଉଡ଼ାଣ ବିଳମ୍ବିତ**

### ବେଦାନ୍ତ ଆଲୁମିନିୟମ- ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସହଭାଗିତା

# କଳାହାଣ୍ଡିରେ ଜୋରଦାର ହେବ ସିକଲ୍ ସେଲ୍ ଓ ଥାଲାସେମିଆ ଚିହ୍ନଟ ପ୍ରକ୍ରିୟା



ଭୁବନେଶ୍ୱର, ୨୦।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, କଳାହାଣ୍ଡି ଜିଲ୍ଲାରେ ସିକଲ୍ ସେଲ୍ ରୋଗ (ଏସସିଡି) ଏବଂ ଥାଲାସେମିଆ ସ୍କ୍ରିନିଂର ପ୍ରାରମ୍ଭିକ ଚିହ୍ନଟକୁ ସୁଦୃଢ଼ କରିବାକୁ ଜାତୀୟ ସିକଲ୍ ସେଲ୍ ଆନିମିଆ ନିରାକରଣ ମିଶନ ଅଧୀନରେ ଓଡ଼ିଶା ସରକାରଙ୍କ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ସହଭାଗୀ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୨୩ ଜୁଲାଇରେ ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ସ୍କ୍ରିନିଂ, ଜେନେଟିକ୍ ପରାମର୍ଶ ଏବଂ ଚିକିତ୍ସା ମାଧ୍ୟମରେ ୨୦୪୭ ସୁଦ୍ଧା ଏହି ରୋଗକୁ ଏକ ଜନସ୍ୱାସ୍ଥ୍ୟ ଚିନ୍ତା ଭାବରେ ଦୂର କରିବା ଏହାର ଲକ୍ଷ୍ୟ। ଏହା ଅଧିନରେ ବେଦାନ୍ତ ଆଲୁମିନିୟମ୍ କଳାହାଣ୍ଡିର ସର୍ବାଧିକ ଏସସିଡି-ପ୍ରବଣ ଅଞ୍ଚଳ ମଧ୍ୟରୁ ରାମପୁର ବ୍ଲକର ନାକରୁଣ୍ଡି, ତଳମପଦର ଏବଂ ଗୁଣପୁର ଗ୍ରାମ ପଞ୍ଚାୟତରେ ସ୍କ୍ରିନିଂ ଅଭିଯାନ ପରିଚାଳନା କରିବା ପାଇଁ ଏହାର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ନିୟୋଜିତ କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗଦ୍ୱାରା ପ୍ରଦାନ କରାଯାଇଥିବା ଡାଏଗ୍ନୋଷ୍ଟିକ୍ କିଟ୍ ବ୍ୟବହାର କରି ୦-୪୦ ବର୍ଷ ବୟସର ବ୍ୟକ୍ତିମାନଙ୍କୁ ସ୍କ୍ରିନିଂ କରାଯାଉଛି।

ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ଏମଏଚୟୁ ସେବା ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବିସ୍ତାର କରିଆସୁଛି। ଗତ ଦୁଇ ବର୍ଷ ମଧ୍ୟରେ ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ହଜାରେରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି। ପ୍ରତ୍ୟେକ ଏମଏଚୟୁ ସମ୍ପୂର୍ଣ୍ଣ ଭାବରେ ଡାଏଗ୍ନୋଷ୍ଟିକ୍ କିଟ୍, ଅତ୍ୟାବଶ୍ୟକ ଔଷଧ ସହିତ ଯୋଗ୍ୟ ଡାକ୍ତର, ନର୍ସ ଏବଂ ଟେକ୍ନିସିଆନ୍ ଦ୍ୱାରା କର୍ମଚାରୀ ଭାବରେ ନିଯୁକ୍ତି ପାଇଛନ୍ତି। ଏହି ୟୁନିଟଗୁଡ଼ିକ ତୁରନ୍ତ ଚିକିତ୍ସା ସେବା ପ୍ରଦାନ କରିବା ସହିତ ଅନୁନ୍ନତ ଅଞ୍ଚଳରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତା ସୃଷ୍ଟି କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ କମ୍ପାନୀ ସମାଜ କଲ୍ୟାଣ ପାଇଁ ପ୍ରତିବଦ୍ଧ। ଏହି ସହଭାଗୀତା ମାଧ୍ୟମରେ ଦୁର୍ଗମ ଅଞ୍ଚଳଗୁଡ଼ିକୁ ପରୀକ୍ଷଣ ସେବା ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ। କଳାହାଣ୍ଡିର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମଓ) ଡକ୍ଟର ନିହାରେନ୍ଦ୍ର ପାଣ୍ଡ କହିଛନ୍ତି ଯେ ସିକଲ୍ ସେଲ୍ ରୋଗ ଏବଂ ଥାଲାସେମିଆ ବିଶେଷ କରି ଗ୍ରାମାଞ୍ଚଳରେ ଗମ୍ଭୀର ଜନସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସୃଷ୍ଟି କରି ଚାଲିଛି। ବେଦାନ୍ତର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ଗୁଡ଼ିକ ଏହି ରୋଗ ଚିହ୍ନଟ କରି ଜୀବନ ବଞ୍ଚାଇବାରେ ବେଶ ଉପଯୋଗୀ ହୋଇପାରିଛି।

## ରାଜ୍ୟ ଖବର

# ହୀରାକୁଦର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୨୦।୯ (ସମିସ) : ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖପାଖି ପହଞ୍ଚିବା ପରେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ତାହାକୁ ବଜାୟ ରଖାଯାଉଛି। ଗତକାଲି ୫ଟି ଗେଟ୍ ଖୋଲାଥିବା ବେଳେ ଜଳ ପ୍ରବେଶ ପରିମାଣକୁ ଦୃଷ୍ଟିରେ ରଖି ଆଜି ପର୍ଯ୍ୟାୟକ୍ରମେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଶନିବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଦିଆଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୦,୫୨୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୪୯୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲ ଦେଇ ୩୧,୭୩୯ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୧.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**ଜଳସ୍ତର ୬୨୯.୮୧ ଫୁଟ୍**

# ଟ୍ରେନ୍ ଧକ୍କାରେ ଝିଅ ମୃତ; ମା' ଗୁରୁତର

ସୁକିନ୍ଦା, ୨୦।୯(ସମିସ): ଅନୁଗୋଳ-ସୁକିନ୍ଦା ରେଳପଥର ଯାଜପୁର ଜିଲ୍ଲା ସୁକିନ୍ଦା ଦାମୋଦରପୁର ଗ୍ରାମ ନିକଟରେ ଟ୍ରେନ୍ ଧକ୍କାରେ ଆଜି ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ବେଳେ ତା' ମା' ଗୁରୁତର ଆହତ ହୋଇଛି। ମୃତ ଶିଶୁକନ୍ୟାଜଣଙ୍କ କୁନି ବେହେରାଙ୍କ ୪ବର୍ଷର ଝିଅ। ତେବେ ସୌଭାଗ୍ୟବଶତଃ କୁନିଙ୍କ ସାନ ଝିଅ ଏହି ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛି। କୁନିଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ବ ଗ୍ରାମ ଶରଣ ବେହେରାଙ୍କ ସ୍ତ୍ରୀ କୁନି ତାଙ୍କ ଦୁଇ ପିଲାଙ୍କୁ ନେଇ ରେଳଧାରଣା କଡ଼ରେ ଚାଲିଚାଲି ଯାଉଥିବା ବେଳେ ଦାମୋଦରପୁର ଗ୍ରାମ ପାଖ ରେଳ ଧାରଣାରେ ଦୁର୍ଘଟଣାର ଶିକାର ହୋଇଥିଲେ।

**ବର୍ତ୍ତିଗଲା ସାନ ଝିଅ**

# ଗଞ୍ଜେଇ ଚାଷ ଓ ବେପାରର ପେଣ୍ଠ ଓଡ଼ିଶା

ଭୁବନେଶ୍ୱର, ୨୦।୯ (ସମିସ): ଗଞ୍ଜେଇ ଚାଷ ଓ ବେପାରର ହବ୍ ପାଲଟିଛି ଓଡ଼ିଶା। ଗତ କିଛି ବର୍ଷ ହେବ, ଓଡ଼ିଶା ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ଏହାର ବଳିଷ୍ଠ ପ୍ରମାଣ। ତେବେ, ରାଜ୍ୟରେ ଯେତିକି ଗଞ୍ଜେଇ ଜବତ ହେଉଛି, ତାହାର ପାଖାପାଖି ୧୦ ଗୁଣା ରାଜ୍ୟ ବାହାରକୁ ଚାଲାଣ ହେଉଛି।

ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ବର୍ଷ ୨୦୨୧-୨୨ରୁ ୨୦୨୪-୨୫ ଭିତରେ ବିପୁଳ ପରିମାଣରେ ଗଞ୍ଜେଇ ଜବତ ହୋଇଛି। ତାଙ୍କ ସୂଚନାନୁଯାୟୀ, ୨୦୨୧-୨୨ରେ ରାଜ୍ୟରୁ ୩୨ ହଜାର ୨୭୬ କେଜି ଗଂଜେଇ ଜବତ ହୋଇଥିବା ବେଳେ ୨୦୨୨-୨୩ରେ ୪୨ହଜାର ୮୬୬କେଜି, ୨୦୨୩-୨୪ରେ ୩୪ ହଜାର ୬୪୦ କେଜି, ୨୦୨୪-୨୫ରେ ୩୪ ହଜାର ୬୭୯ କେଜି ଏବଂ ଏବର୍ଷ ସେପ୍ଟେମ୍ବର ୧୬ସୁଦ୍ଧା ୧୫ହଜାର ୪୩୮ କେଜି ଗଞ୍ଜେଇ ଜବତ ହୋଇଛି।

ତେବେ ବର୍ଷ ପରେ ବର୍ଷ ଜବତ ଗଂଜେଇର ପରିମାଣ ବଢୁଥିବାରୁ ଗଂଜେଇ ଚାଷ ମଧ୍ୟ ସେହି ଅନୁପାତରେ ବଢୁଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ବଡ଼ କଥା ହେଲା, କନ୍ଧମାଳ, କୋରାପୁଟ ଏବଂ ମାଲକାନଗିରିରେ ସର୍ବାଧିକ ଗଞ୍ଜେଇ ଚାଷ କରାଯାଉଛି। ଲୋକ ଧାନ ଚାଷ ଭଳି ନିଜ ବାଡ଼ିରେ ଲୁଚାଇ ଗଞ୍ଜେଇ ଚାଷ କରୁଛନ୍ତି। ଆହୁରି ମଧ, ଅନେକ ନିଶାମାଫିଆ ପୁଲିସକୁ ହାତ କରି ଜଙ୍ଗଲରେ ଚାଷ କରୁଛନ୍ତି। ଗଛ ପିଛା ପୁଲିସ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଉପରୁ ଚାପ ପଡ଼ିଲେ ପୁଲିସ ଜାଣିଶୁଣି ଗଞ୍ଜେଇ ଗଛକୁ ଅଧାରୁ କାଟି ପୋଡୁଛି। ପୋଡ଼ିବାର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେଉଛନ୍ତି। କିନ୍ତୁ ଅଧାରୁ ଗଞ୍ଜେଇ ଗଛ କଟାଯାଉଥିବାରୁ, ପୁଣି ତାହା ବଢ଼ି ଫୁଲ ହେଉଛି। ଏସବୁ କରି ସ୍ଥାନୀୟ ଥାନା ମଧ୍ୟ ପରୋକ୍ଷରେ ଗଞ୍ଜେଇ ମାଫିଆଙ୍କୁ ସହଯୋଗ କରୁଛନ୍ତି। ଖାଲି ସେତିକି ନୁହେଁ, ରାତିରେ ଗଞ୍ଜେଇ ଚାଲାଣ ସମୟରେ ପୁଲିସ ଗାଡ଼ି ଏସ୍‌କର୍ଟ ଦେଉଛି। ବିଗତ ଦିନରେ ଦେଖିବାକୁ ମିଳିଛି। ଏକାଧିକ ଥାନା ଅଧିକାରୀ ଏବଂ କର୍ମଚାରୀ ଗଞ୍ଜେଇ ମାଫିଆଙ୍କୁ ଚାଲାଣରେ ସହଯୋଗ କରୁଥିବା ଜଣାପଡ଼ିବା ପରେ ଅଧିକାରୀଙ୍କ ବଦଳି କରାଯାଉଛି। କିନ୍ତୁ, ସେମାନେ ପୁଣି ନୂଆ ଥାନାରେ ଯୋଗଦେଇ ନିଶା କାରବାର କରୁଛନ୍ତି। ବିଶେଷକରି, ଓଡ଼ିଶାର ଗଞ୍ଜେଇ ବିହାର, ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶକୁ ଚାଲାଣ କରାଯାଉଛି। ଓଡ଼ିଶା ଗଞ୍ଜେଇର ଚାହିଦା ଥିବାରୁ ନିଶା ମାଫିଆମାନଙ୍କ ଫୋକସ୍‌ରେ ଓଡ଼ିଶା ରହିଛି। ସେମାନେ ଏଜେଣ୍ଟ ମାଧ୍ୟମରେ ଓଡ଼ିଶାରୁ ଗଞ୍ଜେଇ ଅନ୍ୟ ରାଜ୍ୟକୁ ନେଉଛନ୍ତି। ଯେତିକି ଧରାପଡୁଛି, ତାହାଠୁ ଅଧିକ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ ହେଉଛି।

## ୩ଜଣ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ,୨୦। ୯(ସମିସ): ଜିଲ୍ଲା ଜଜ୍ କ୍ୟାଡରର ୩ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏହି କ୍ରମରେ କଟକ ଜିଲ୍ଲା ଓ ଦୌରା ଜଜ୍ ଭାବେ ମାନସ ରଞ୍ଜନ ବାରିକ, ଭୁବନେଶ୍ୱର ସମବାୟ ଟ୍ରିବ୍ୟୁନାଲ ପ୍ରିଜାଇଡିଂ ଅଫିସର ଭାବେ ଅରୁଣ କୁମାର ମଲ୍ଲିକ, କଟକ ସ୍ୱତନ୍ତ୍ର ଅଦାଲତ ସ୍ୱତନ୍ତ୍ର ଜଜ୍ ଭାବେ ସୁଶୀଲ କୁମାର ରାଉତଙ୍କୁ ବଦଳିପୂର୍ବକ ଅବସ୍ଥାପିତ କରାଯାଇଥିବା ନେଇ ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି।

### ଦିଲ୍ଲୀରେ କଂଗ୍ରେସର 'ସୃଜନ' ବୈଠକ ୨୨ରେ

## ପିସିସି ସଭାପତି, ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା

ଭୁବନେଶ୍ୱର,୨୦।୯(ସମିସ): ଆସନ୍ତା ୨୨ରେ କଂଗ୍ରେସ ଜିଲ୍ଲା ସଭାପତି ଚୟନ ସମ୍ପର୍କିତ 'ସଂଗଠନ ସୃଜନର' ଗୁରୁତ୍ୱପୂର୍ଣ୍ଣ ବୈଠକ ଦିଲ୍ଲୀରେ ବସିବ। ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ମଧ୍ୟ ଉପସ୍ଥିତି ରହିବେ। ଏହି ବୈଠକ ପାଇଁ ଓଡ଼ିଶାରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କୁ ଦିଲ୍ଲୀ ଡକରା ଆସିଛି। ଏମାନଙ୍କ ସହିତ ଓଡ଼ିଶା ପିସିସି ପ୍ରଭାରୀ, ସହ-ପ୍ରଭାରୀ ଓ ସଂଗଠନ ସୃଜନ ପ୍ରକ୍ରିୟାରେ ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ନିଯୁକ୍ତ ହୋଇଥିବା ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ମଧ୍ୟ ବୈଠକରେ ଉପସ୍ଥିତ ରହିବେ। ଏହି ବୈଠକରେ କଂଗ୍ରେସ ଜିଲ୍ଲା ସଭାପତି ଚୟନ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଏହା ପୂର୍ବରୁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶା ଆସି ଜିଲ୍ଲା ଜିଲ୍ଲା ବୁଲି ରିପୋର୍ଟ ସଂଗ୍ରହ କରିଛନ୍ତି।

# ଭିଜିଲାନ୍ସ ଜାଲରେ ଅନନ୍ତପୁର ଫାଣ୍ଡି ଅଧିକାରୀ

ସୋର, ୨୦।୯ (ସମିସ): ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ ଏଏସ୍‌ଆଇ ହୃଷୀକେଶ ବିଶ୍ୱାଳ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ବାଇକ୍ ଛାଡ଼ିବା ପାଇଁ ସେ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ତାଙ୍କ ପାଖରୁ କେମିକାଲ ବୋଳା ଟଙ୍କା ଜବତ କରିବା ସହ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ତାଙ୍କର ଭଡ଼ାଘରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରିଛି।



**୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ସୂଚନାନୁସାରେ, ଗତ ୭ତାରିଖରେ କୁରୁଡ଼ା ଗ୍ରାମର ଶଶିଭୂଷଣ ପାତ୍ର ଏକ ବାଇକ୍‌ରେ ଅନନ୍ତପୁରରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବେଳେ ଅନନ୍ତପୁର ଫାଣ୍ଡି ପୁଲିସ ତାଙ୍କ ବାଇକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶଶି ମେଡିକାଲରେ ଚିକିତ୍ସିତ ହୋଇ ଫେରିବା ପରେ ବାଇକ୍‌କୁ ନେବା ପାଇଁ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ହୃଷୀକେଶ ବିଶ୍ୱାଳଙ୍କୁ କହିଥିଲେ। କିନ୍ତୁ ଶ୍ରୀ ବିଶ୍ୱାଳ ଏଥିପାଇଁ ୮ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଶଶି ଏନେଇ ବାଲେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ଏଏସଆଇ ଶ୍ରୀ ବିଶ୍ୱାଳଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ, ଆଜି ଶଶିଙ୍କ ପାଖରୁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଏଏସ୍‌ଆଇ ଶ୍ରୀ ବିଶ୍ୱାଳଙ୍କୁ ମାଡ଼ି ବସିଥିଲେ।

